ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.23 . No.61 Bhubaneswar Monday, April 20,2020 | ୨୩ତମ ବର୍ଷ ସଂଖ୍ୟା- ୬୧ ଭୁବନେଶ୍ୱର, ସୋମବାର ଅପ୍ରେଲ ୨୦,୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

ତିନି ଯୁବଚାଷୀ ବିକଶିତ କଲେ ଜୀବାଣୁନାଶକ ସିଂଚନ ଯନ୍ତ୍ର

ସମ୍ବଲପୁର,(ପିଏନ)- ଆବଶ୍ୟକତା ହିଁ ଉଦଭାବନ ଜନନୀ। ସମ୍ପ୍ରତି କରୋନା ଭୂତାଣୁର ସଂକ୍ରମଣକୁ ନେଇ ଚାରିଆଡ଼େ ଅଭାବନୀୟ ପରିସ୍ଥିତି ଦେଖା ଦେଇଛି । ଏହି ସମୟରେ ସଙ୍କଟର ମୁକାବିଲା ପାଇଁ ସମସ୍ତର ନିଜ ନିଜ ସ୍ତରରେ ଉଦ୍ୟମ ଚଳାଇଛନ୍ତି । ଏହି କ୍ରମରେ ବରଗଡ଼ ଜିଲ୍ଲା କଲାପାନି ଗ୍ରାମର ତିନିଜଣ ଯୁବ ଚାଷୀ ସିଏଚ କଲ୍ୟାଣ କୁମାର(୪୨), ନୀଳ ମାଧବ ସାହୁ(୩୨) ଏବଂ ସନାତନ ପ୍ରଧାନ(୩୦) ଭୂତାଣୁ ଦୂରୀକରଣ ପାଇଁ ଏକ ସିଂଚନ ଯନ୍ତ୍ର ବା ସ୍ପ୍ରେୟର ବିକଶିତ କରିଛନ୍ତି । ଏହାକୁ ନିର୍ମାଣ କରିବା ପାଇଁ ସେମାନଙ୍କୁ ଦଶ ଦିନ ସମୟ ଲାଗିଥିଲା। ଏଥିପାଇଁ ୩୫ ହଜାର ଟଙ୍କା ଖର୍ଚ୍ଚ ହୋଇଛି । ଏହାକୁ ସେମାନେ aeet Function ଟ ଗଡ଼ ଜିଲ୍ଲାପାଳଙ୍କୁ ହସ୍ତାନ୍ତର କରିବେ ବୋଲି କହିଛନ୍ତି । କଲ୍ୟାଣ କୁମାର କମ୍ପ୍ୟୁଟର ବିଜ୍ଞାନରେ ସ୍ନାତକ ଡ଼ିଗ୍ରୀ ହାସଲ କରିଥିବା ବେଳେ ନୀଳ ମାଧବ ଏବଂ ସନାତନ ଫିଟର ଭାବରେ ଆଇଟିଆଇ ସାର୍ଟିଫିକେଟ ପ୍ରାପ୍ତ କରିଛନ୍ତି । କରୋନା ଯୋଗ ଲକ ଡ଼ାଉନ ଚାଲିଥିବାରୁ ଏମାନେ ବାହାରକୁ ନଯାଇ ଘରେ ରହୁଛନ୍ତି । ଏହି ଖାଲି ସମୟକୁ ଉପ ଯୋଗ କରି ଏକ ଜୀବାଣୁ ନାଶକ ସ୍ପ୍ରେୟର ନିର୍ମାଣ କରିବାକୁ ସ୍ଥିର କରିଥିଲେ । କାରଣ ସେନିଟାଇଜେସନ ହେଉଛି ବର୍ତମାନ କରୋନା ଭୂତାଣୁ ମୁକାବିଲାର ବଡ଼ ଆବଶ୍ୟକତା ବୋଲି କଲ୍ୟାଣ କୁମାର କହିଛନ୍ତି । ଏମାନେ ବିକଶିତ କରିଥିବା ସିଂଚନ ଯନ୍ତ୍ରରେ ୫ ଶହ ଲିଟର କ୍ଷମତାର ଟାଙ୍କି, କମ୍ପ୍ରେସର ସହିତ ଅନ୍ୟାନ୍ୟ ସରଂଜାମ ରହିଛି । ଏହାକୁ ଟ୍ରାକ୍ଟରରେ ସଂଯୋଗ କରି ଯେକୌଣସି ସ୍ଥାନରେ ବ୍ୟବହାର କରାଯାଇପାରିବ । କମ ଖର୍ଚ୍ଚରେ ନିର୍ମିତ ଏହି ଯନ୍ତ୍ର ସାହାଯ୍ୟରେ ଏକ ଲିଟର ଡ଼ିଜେଲରେ ଏକ ଘଂଟା ପର୍ଯ୍ୟନ୍ତ ଜୀବାଣୁନାଶକ ପଦାର୍ଥ ସିଂଚନ କରାଯାଇପାରିବ । ଏପରିକି ଟ୍ରାକ୍ଟର ଠାରୁ ବହୁ ଦୂର ପର୍ଯ୍ୟନ୍ତ ଏଠାରୁ ସିଂଚନ କରାଯାଇପାରିବ । ଆଜି ଏମାନେ କଲାପାନି ପଂଚାୟତ ଇଲାକାରେ ଏହି ଯନ୍ତ୍ର ଉପଯୋଗ କରିଥିଲେ । ଜମୁର୍ଡ଼ା, ତାଲଶ୍ରୀଗିଡ଼ା ଏବଂ ବରାହଗୋଡ଼ା ପଂଚାୟତ ର ବାସୀନ୍ଦା ମାନେ ମଧ୍ୟ ଏହା ବ୍ୟବହାର ପାଇଁ ଉକ୍ତ ତିନିଜଣ ଉଦ୍ୟମୀ ଙ୍କୁ ଅନୁରୋଧ କରିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

ସରପଞ୍ଚଙ୍କୁ ମିଳିଲା ଜିଲ୍ଲାପାଳ କ୍ଷମତା

ବାହାର ରାଜ୍ୟରୁ ଫେରିଲେ ପଂଜୀକରଣ ଓ ୧୪ ଦିନିଆ କ୍ୱାରେଂଟାଇନ୍ ବାଧ୍ୟତାମୂଳକ

ଭୁବନେଶ୍ୱର,(ପିଏନ)- ଅନ୍ୟ ରାଜ୍ୟରୁ ଗାଁକୁ ଫେରୁଥିବା ଲୋକଙ୍କ ପାଇଁ ପଂଜୀକରଣ ବାଧ୍ୟତାମୂଳକ ହେବ। ସେମାନଙ୍କ ସହ ସେମାନଙ୍କ ପରିବାର ଓ ବନ୍ଧୁମାନେ ପଂଚାୟତରେ ରେଜିଷ୍ଟ୍ରେସନ୍ କରିବେ। ଏହାପରେ ସେମାନଙ୍କୁ ୧୪ ଦିନପାଇଁ କ୍ୱାରେଂଟାଇନ୍ ରେ ରଖାଯିବ ଏବଂ ଖାଇବା , ରହିବା ଓ ଚିକିତ୍ସା ମାଗଣାରେ ଯୋଗାଇ ଦିଆଯିବ। କ୍ୱାରେଂଟାଇନ୍ ଶେଷ ହେବା ପରେ ୨ ହଜାର ଟଙ୍କାର ପ୍ରୋତ୍ସାହନ ଦିଆଯିବ। ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି।

ଏହାବ୍ୟତୀତ କୋଭିଡ୍ ୧୯ ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାର ସରପଂଚମାନଙ୍କୁ ଜିଲ୍ଲାପାଳ କ୍ଷମତା ଦେଇଛନ୍ତି। ଏଥିପାଇଁ ଆଇନ୍‌ଗତ ପଦକ୍ଷେପ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ରବିବାର ଅପରାହ୍ନରେ ଏକ ଭିଡିଓ ବାର୍ତାରେ କହିଛନ୍ତି ଯେ ଅସାଧାରଣ ପରିସ୍ଥିତି ଅସାଧାରଣ ସମାଧାନ ଆବଶ୍ୟକ କରେ। ପଂଚାୟତ ଏବଂ ଅର୍ବାନ ଲୋକାଲ ବଡି ମାନଙ୍କ ସଶକ୍ତିକରଣ ଦ୍ୱାରା ଆମେ ପରିସ୍ଥିତିକୁ ଠିକ୍ ଭାବେ ମୁକାବିଲା କରିପାରିବା। ରାଜ୍ୟ ବାହାରୁ ଫେରୁଥିବା ଲୋକମାନଙ୍କୁ ଉଚିତ୍ ସେବା ଯାଗାଇପାରିବା ଏବଂ କୋଭିଡ୍ ୧୯ ବିରୁଦ୍ଧରେ ଲଢେଇକୁ ଆହୁରି ମଜବୁତ୍ କରିପାରିବା।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ତାଙ୍କ ପାଇଁ ପ୍ରତିଟି ଜୀବନ ମୂଲ୍ୟବାନ ଓ ସମ୍ମାନଜନକ ଭାବର ପ୍ରତି ଜୀବନର ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ। ପଂଚାୟତିରାଜ ଅନୁଷ୍ଠାନ , ତୃଣମୂଳ ସ୍ତରରେ ଲୋକମାଙ୍କର ନିଜ ଅନୁଷ୍ଠାନ। ତେଣୁ କୋଭିଡ୍ ୧୯ ଲଢେଇରେ ପଂଚାୟତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ଭଦ୍ରକରେ କଂଟେନମେଂଟ ଜୋନ ଘୋଷଣା ପ୍ରତ୍ୟାହାର

ଭୁବନେଶ୍ୱର,(ପିଏନ)- କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ଭଦ୍ରକ ଚରମ୍ପାର କେଂଟେନମେଂଟ ଜୋନ - ୨ ଓ ଏରେଇଁର କଂଟେନମେଂଟ ଜୋନ-୩ରେ ଲାଗୁ କରା ଯାଇଥିବା କଂଟେନମେଂଟ ଜୋନ ଘୋଷଣାକୁ ପ୍ରଶାସନ ପ୍ରତ୍ୟାହାର କରିଛି । ସହରର ସ୍ଥିତିରେ ସୁଧାର ହେବା କାରଣରୁ ଏହି ଘୋଷଣା ପ୍ରତ୍ୟାହାର କରା ଯାଇଥିବା ଜିଲ୍ଲାପାଳ ଜ୍ଞାନରଂଜନ ଦାସ ଟ୍ୱିଟ କରି ସୂଚନା ଦେଇଛନ୍ତି ।

ସେ କହିଛନ୍ତି ଯେ ଏହି ସବୁ ଅଂଚଳରେ ଲକଡାଉନ ନିୟମାବଳୀ ପୂର୍ବ ଭଳି ଲାଗୁ ରହିବ । ୨ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହେବା ପରେ ସେମାନଙ୍କର ସଂସ୍ପର୍ଶରରେ ଆସିଥିବା କୌଣସି ବ୍ୟକ୍ତିଙ୍କର ନମୁନା ପରୀକ୍ଷା ପରେ ପଜିଟିଭ ଆସି ନ ଥିବାରୁ ଏହି ନିଷ୍ପତି ଗ୍ରହଣ କରା ଯାଇଛି । ଏହା ପୂର୍ବରୁ ଏପ୍ରିଲ ୧୫ ତାରିଖ ରେ ପୁରୁଣା ବଜାର ଅଂଚଳରୁ କଂଟେନମେଂଟ ଜୋନ ପ୍ରତ୍ୟାହୃତ ହୋଇଥିଲା ।

ଜଷ୍ଟିସ୍ ମହମ୍ମଦ ରଫିକ ହେବେ ଓଡିଶା ହାଇକୋର୍ଟ ପରବର୍ତୀ ମୁଖ୍ୟବିଚାରପତି

କଟକ /ଭୁବନେଶ୍ୱର,(ପିଏନ)- ଓଡ଼ିଶା ହାଇକୋର୍ଟର ପରବର୍ତୀ ମୁଖ୍ୟବିଚାରପତି ହେବେ ଜଷ୍ଟିସ୍ ମହମ୍ମଦ ରଫିକ। ଏସମ୍ପର୍କରେ ଗତ ୧୮ ତାରିଖରେ ଅନୁଷ୍ଠିତ ସୁପ୍ରିମକୋର୍ଟ କଲେଜିୟମ୍ ବୈଠକରେ ନିଷ୍ପତି ନିଆଯାଇଛି। ଜଷ୍ଟିସ୍ ମହମ୍ମଦ ରଫିକ ବର୍ତମାନ ମେଘାଳୟ ହାଇକୋର୍ଟରେ ମୁଖ୍ୟବିଚାରପତି ଭାବେ କାର୍ଯ୍ୟରତ ଅଛନ୍ତି। ଏଥିସହ ସୁପ୍ରିମକୋର୍ଟ କଲେଜିୟମ୍ ବମ୍ବେ ଏବଂ ମେଘାଳୟ ହାଇକୋର୍ଟର ମୁଖ୍ୟବିଚାରପତି ପଦବିରେ ନିଯୁକ୍ତି ଲାଗି ମଧ୍ୟ ନାମ ସୁପାରିସ କରିଛନ୍ତି।ଜଷ୍ଟିସ୍ ମହମ୍ମଦ ରଫିକ୍ ମେଘାଳୟ ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତ ହେବା ପୂର୍ବରୁ ରାଜସ୍ଥାନ ହାଇକୋର୍ଟରେ ବରିଷ୍ଠ ବିଚାରପତି ଭାବେ କାର୍ଯ୍ୟ କରିଛନ୍ତି।ଏହି ସମୟରେ ସେ ଦୁଇ ଦୁଇ ଥର କାର୍ଯ୍ୟକାରୀ ମୁଖ୍ୟବିଚାରପତି ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି।

ଆଜିଠାରୁ ଅଫିସ ଆସିବେ ଗ୍ରୁପ ଏ ଅଧିକାରୀ

ଭୁବନେଶ୍ୱର, (ପିଏନ)-ଆସନ୍ତା କାଲି ଠାରୁ ଗ୍ରୁପ ଏ ଅଧିକାରୀ ମାନେ ଅଫିସ ଆସି କାମ କରିବେ । ରାଜସ୍ୱ, ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଜାରୀ ନିର୍ଦ୍ଦେଶନାମାରେ ଏହା କୁହା ଯାଇଛି ।

ସେହିପରି ଜିଲ୍ଲାପାଳ, ଉପ ଜିଲ୍ଲାପାଳ, ଆରଡିସି, ତହସିଲ, ଆରଆଇ ଅଫିସ ଶତ ପ୍ରତିଶତ କର୍ମଚାରୀଙ୍କୁ ନେଇ କାମ କରିବ ବୋଲି ଏଥିରେ ଉଲ୍ଲେଖ ରହିଛି ।

ଗାଇଡଲାଇନରେ ଉଲ୍ଲେଖ ରହିଛି ଯେ ୯ଟି ଜିଲ୍ଲାର ନୋଟିଫାଏଡ ସହରାଂଚଳର ବୋର୍ଡ ଅଫ ରେଭେନ୍ୟୁ ଓ ସବ ରେଜିଷ୍ଟ୍ରାର ଅଫିସ ୩୩ ପ୍ରତିଶତ କର୍ମଚାରୀ ମାନଙ୍କୁ ନେଇ କାମ କରିବେ । ଏଗୁଡିକ ହେଲା ଖୋର୍ଧା, କଟକ, ସୁନ୍ଦରଗଡ, କେନ୍ଦ୍ରାପଡା, ଭଦ୍ରକ,ପୁରୀ, କଲାହାଣ୍ଡି, ଯାଜପୁର, ଢେଙ୍କାନାଳ । ଏଠାରେ ଗ୍ରୁପ ବି, ସି ଡିର କର୍ମଚାରୀ ୩୩ ପ୍ରତିଶତ ରୋଷ୍ଟର ଭିତିରେ କାମ କରିବେ ବୋଲି ଏହି ନିର୍ଦ୍ଦେଶନାମାରେ କୁହା ଯାଇଛି। ଏହି ସହରାଂଚଳ ବ୍ୟତୀତ ଅନ୍ୟ ସ୍ଥାନରେ ବୋର୍ଡ ଅଫ ରେଭେନ୍ୟୁ ଓ ସବ ରେଜିଷ୍ଟ୍ରାର ଅଫିସ ଶତ ପ୍ରତିଶତ କର୍ମଚାରୀ କାମ କରିବେ । ଆସନ୍ତା କାଲି ଠାରୁ ଷ୍ଟାମ୍ପ ଭେଣ୍ଡର ମାନଙ୍କୁ ଜିଲ୍ଲା ଓ ସବ ରେଜିଷ୍ଟ୍ରାର ଅଫିସରେ କାମ କରିବାକୁ ଦିଆ ଯିବ । ସେହିପରି ନିର୍ମାଣ କାମ ପାଇଁ ବାଲିଘାଟ, କ୍ରସର, ୟୁନିଟ, ଓ କ୍ୱାରୀ ମାନଙ୍କୁ ମଧ୍ୟ କାର୍ଯ୍ୟକ୍ଷମ କରା ଯିବ । ତେବେ ଏ ସବୁ ସ୍ଥାନରେ ସାମାଜିକ ଦୂରତାର କଟକଣା ମାନିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି ।

ଭୁବନେଶ୍ୱରରେ ଆଣ୍ଟି ବଡି ରାପିଡ ଟେଷ୍ଟ ଆରମ୍ଭ

ଭୁବନେଶ୍ୱର,(ପିଏନ)- ଭୁବନେଶ୍ୱରରେ ଆଂଟି ବଡି ରାପିଡ ଟେଷ୍ଟ ଶନିବାର ଠାରୁ ଆରମ୍ଭ ହୋଇଛି । ରାଜ୍ୟର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟ୍ୱିଟ କରି ଏହି ସୂଚନା ଦିଆ ଯାଇଛି । ଏହା ହେଉଛି ସେରୋଲୋଜିକାଲ ଟେଷ୍ଟ । ଏହା ଦ୍ୱାରା ଶୀରାରୁ ରକ୍ତ ନିଆ ଯାଇଥାଏ ଓ ୧୫ରୁ ୩୦ ମିନିଟରେ ଏହାର ଫଳାଫଳ ଜଣା ପଡିଥାଏ । ପ୍ରାଥମିକ ଭାବେ ଏହାକୁ ନୀରିକ୍ଷଣ କରିବା ପାଇଁ କରା ଯାଇଥାଏ ବୋଲି ଏହି ଟ୍ୱିଟରେ ପ୍ରକାଶ କରା ଯାଇଛି । ପ୍ରଥମେ ଏହାକୁ ସ୍ୱାସ୍ଥ୍ୟସେବାରେ ନିୟୋଜିତ କର୍ମୀ, ପୋଲିସ କର୍ମଚାରୀ ଓ ପରିମଳ କର୍ମଚାରୀ, ଆବଶ୍ୟକୀୟ ସାମଗ୍ରୀ ଯୋଗାଣ କାମରେ ଲାଗିଥିବା ଲୋକ, କଂଟେନମେଂଟ ଅଂଚଳର ଲୋକ ଓ ନିକଟରେ ରହୁଥିବା ବସ୍ତିର ଲୋକ ମାନଙ୍କ ପାଇଁ ବ୍ୟବହାର କରା ଯିବ ।

ବାଲେଶ୍ୱରରେ କରୋନା ପଜିଟିଭର ପ୍ରଭାବ

ବାରିପଦା ରାସ୍ତାଘାଟ ଶୂନଶାନ୍

ବାରିପଦା,(ପିଏନ)- ଗତ କାଲି ମୟୂରଭଞ୍ଜର ପଡ଼ୋଶୀ ଜିଲ୍ଲା ବାଲେଶ୍ୱରରେ ଜଣେ କରୋନା ପଜିଟିଭ ଚିହ୍ନଟ ହୋଇଥିବା ସୂଚନା ମିଳିବା ପରେ ଏହାର ପ୍ରଭାବ ବାରିପଦାରେ ପ୍ରତିଫଳିତ ହୋଇଛି । ଆଜି ରବିବାର ରହିଥିଲେ ମଧ୍ୟ ପୂର୍ବ ଦିନ ଗୁଡ଼ିକ ଅପେକ୍ଷା ବଜାର ଅଧିକ ଶୂନଶାନ୍ ରହିଥିବାର ପରିଲକ୍ଷିତ ହୋଇଛି । ଷ୍ଟେସନ ବଜାର ରବିବାର ହାଟ, ପରିବା ବଜାର ଆଦି ଫାଙ୍କା ରହିଥିବା ରହିଥିଲା । ଗତ କାଲିଠାରୁ ବାଲେଶ୍ୱର କରୋନା ପଜିଟିଭଙ୍କ ଟ୍ରାଭେଲ ହିଷ୍ଟ୍ରି ସହିତ ବାରିପଦା ଲିଙ୍କକୁ ନେଇ ଜନସାଧାରଣରେ ଚର୍ଚ୍ଚା ଜୋର ଧରିଥିବା ସମୟରେ ଜିଲ୍ଲା ପ୍ରଶାସନ ନିକଟରେ ଏ ବିଷୟରେ କୌଣସି ସୂଚନା ବର୍ତମାନ ସୁଦ୍ଧା ନାହିଁ ବୋଲି ଜିଲ୍ଲାପାଳ ବିନୀତ ଭରଦ୍ୱାଜ ପ୍ରକାଶ କରିଛନ୍ତି । ସେହିପରି ପୂର୍ବରୁ ମୟୂରଭଞ୍ଜ ଜିଲ୍ଲା ସଂଯୋଗ କରୁଥିବା ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଆଦି ପଡ଼ୋଶୀ ରାଜ୍ୟ ଓ ବାଲେଶ୍ୱର, କେନ୍ଦୁଝର ଆଦି ଜିଲ୍ଲାଗୁଡ଼ିକର ବିଭିନ୍ନ ପ୍ରବେଶ ପଥକୁ ସିଲ କରାଯାଇଥିଲେ ମଧ୍ୟ ଆଜି ଚେକିଂ ଓ ପ୍ରହରାକୁ କଡ଼ାକଡ଼ି କରାଯାଇଛି । ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ପରିବହନ କରୁଥିବା ଯାନଗୁଡ଼ିକୁ ବାଦ ଦେଇ ଅନ୍ୟାନ୍ୟ ଘରୋଇ ବା ଯାତ୍ରାତ୍ରୀ ପରିବହନ କରୁଥିବା ଯାନଗୁଡ଼ିକୁ ଜିଲ୍ଲା ଏବଂ ବାରିପଦା ସହର ଭିତରକୁ ପ୍ରବେଶ କରିବାକୁ ଅନୁମତି ଦିଆଯାଇ ନାହିଁ ବୋଲି ଜିଲ୍ଲାପାଳ ଶ୍ରୀଭରଦ୍ୱାଜ ସୂଚନା ଦେଇଥିବା ସମୟରେ ଆଜି ପୂର୍ବାଂଚଳ ଆଇଜି ଦୀପ୍ତେଶ ପଟ୍ଟନାୟକ ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତବର୍ତୀ ଅଂଚଳଗୁଡ଼ିକୁ ପରିଦର୍ଶନରେ ଯାଇ ପରିସ୍ଥିତିକୁ ଅନୁଧ୍ୟାନ କରିବା ସହିତ ସମୀକ୍ଷା କରିଛନ୍ତି । ଏହା ବ୍ୟତୀତ ଆଜି ବାରିପଦା ପୌରପରିଷଦର ୱାର୍ଡ଼ ନମ୍ବର ୧୭ରେ ଶରାଫଡ୍ ଟୁଲା ନାମକ ଏକ ବ୍ୟକ୍ତି ସାମାଜିକ ଗଣମାଧ୍ୟମ ଫେସବୁକରେ କରୋନା ସମ୍ପର୍କୀତ ମିଥ୍ୟା ପୋଷ୍ଟ କରିଥିବା ଅଭିଯୋଗରେ ବାରିପଦା ଟାଉନ ଥାନାରେ ତାଙ୍କ ନାମରେ ମାମଲା ରୁଜୁ କରାଯାଇ ଆଇପିସି ଧାରା ୫୦୪, ୫୦୫, ୧୮୮ ଅନୁସାରେ ଗିରଫ କରାଯାଇଛି ବୋଲି ବାରିପଦା ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର କୁମାର ସେନାପତି ପ୍ରକାଶ କରିଛନ୍ତି । ତେବେ ସମ୍ପୂର୍ଣ୍ଣ ମୟୂରଭଞ୍ଜ ଜିଲ୍ଲାରେ ଲକ୍ ଡ଼ାଉନକୁ ନେଇ ଜାରିକରାଯାଇଥିବା ସାମାଜିକ ଦୂରତା, ମାସ୍କ ପରିଧାନ ଆଦିକୁ କଡ଼ାକଡ଼ି ଭାବେ ଲାଗୁ କରାଯାଇଥିବାର ଜଣାପଡ଼ିଛି ।

କଟକ ଓ ଭୁବନେଶ୍ୱରରେ ଜାରି ରହିବ କଟକଣା

ଭୁବନେଶ୍ୱର,(ପିଏନ)- ଆସନ୍ତାକାଲି ଠାରୁ କୃଷିକାର୍ଯ୍ୟକୁ ଖୁବ୍ ସାବଧାନତାର ସହ ଆରମ୍ଭ କରାଯାଉଛି । କିନ୍ତୁ କଟକ ଓ ଭୁବନେଶ୍ୱରରେ କଟକଣା ପୂର୍ବଭଳି ଜାରି ରହିବ। ସେଥି ପାଇଁ ଲୋକେ ଦୟାକରି ଘରେ ରୁହନ୍ତୁ । ଲୋକେ ନିରାପଦରେ ରୁହନ୍ତୁ ବୋଲି ମୁଖ୍ୟ ଶାସନ ସଚିବ ଟୁଇଟ୍ କରି କହିଛନ୍ତି।

ସେହିପରି ଭୁବନେଶ୍ୱର ମହାନଗର ନିଗମ (ବିଏମସି)ଟୁଇଟ୍ କରି କୁହାଯାଇଛି ଯେ ପକ୍ଷରୁ କରୋନା ମୁକାବିଲା ପାଇଁ ରାଜଧାନୀ ଭୁବନେଶ୍ୱରରେ କଟକଣା ପୂର୍ବଭଳି ବଳବତର ରହିବ। କରୋନା ସଂକ୍ରମଣ ରୋକିବା ଲାଗି ଏହି ପଦକ୍ଷେପ ନିଆଯାଉଛି। ପରିସ୍ଥିତିର ପରବର୍ତୀ ସମୀକ୍ଷା ହେବା ଯାଏଁ ଏହି କଟକଣା ଜାରି ରହିବ ବୋଲି ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଟୁଇଟ୍ କରାଯାଇଛି।ଗତ ମାର୍ଚ୍ଚ ୨୨ରୁ ଆରମ୍ଭ ହୋଇଥିବା ଲକଡାଉନ କଟକଣା ଭୁବନେଶ୍ୱରରେ ଜାରି ରହିବ। ପରବର୍ତୀ ଆଦେଶ ଯାଏଁ ଲକଡାଉନ କଟକଣା ଜାରି ରହିବ ବୋଲି କହିଛନ୍ତି ପୋଲିସ କମିସନର। ତେଣୁ ରାଜଧାନୀବାସୀ ଆସନ୍ତାକାଲି (ଏପ୍ରିଲ ୨୦) ଠାରୁ କିଛି ପରିବର୍ତନ ଆଶା କରନ୍ତୁ ନାହିଁ ।ଆମେ ଲୋକଙ୍କୁ ନିବେଦନ କରୁଛୁ ଯେ, ସେମାନେ ସହଯୋଗ କରନ୍ତୁ ବୋଲି ପୋଲିସ୍ କମିସନର ସୁଧାଂଶୁ ଷଡଙ୍ଗୀ ଟୁଇଟରରେ ଉଲ୍ଲେଖ କରିଛନ୍ତି।

ବିଭିନ୍ନ ରାଜ୍ୟରେ ଫସି ରହିଥିବା ଦାଦନ ଶ୍ରମିକଙ୍କ ଯାତାୟାତ ନିମନ୍ତେ ନିୟମାବଳୀ

ଶ୍ରମିକମାନେ ଯେଉଁ ରାଜ୍ୟରେ ରହିଛନ୍ତି ବର୍ତମାନ ପାଇଁ ସେହିଠାରେ ହିଁ ରହିବେ

ନୂଆଦିଲ୍ଲୀ, (ପିଏନ)-କୋଭିଡ-୧୯ ମହାମାରୀ ସଂକ୍ରମଣ ଯୋଗୁ କୃଷି, କଳକାରଖାନା, ନିର୍ମାଣ ଓ ଅନ୍ୟାନ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ନିଜ କର୍ମସ୍ଥଳୀରୁ ଯାଇ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ସରକାରମାନଙ୍କ ଦ୍ୱାରା ସ୍ଥାପିତ ରିଲିଫ ଶିବିର ଓ ଆଶ୍ରୟସ୍ଥଳୀ ଗୁଡିକରେ ରହୁଛନ୍ତି । କେତେ ଗୁଡିଏ ଆବଦ୍ଧ ଅଂଚଳକୁ ଛାଡ଼ି ବାକି ସ୍ଥାନରେ ଆସନ୍ତା ୨୦ ତାରିଖଠାରୁ ସଂଶୋଧିତ ନିୟମାବଳୀ ଅନୁସାରେ କାର୍ଯ୍ୟ ଆରମ୍ଭ ହେଉଥିବାରୁ ଏହି ଶ୍ରମିକମାନେ କଳକାରଖାନା, ନିର୍ମାଣ ଶିଳ୍ପ, କୃଷି ଓ ମନରେଗା ଆଦି କାର୍ଯ୍ୟରେ ନିୟୋଜିତ ହୋଇପାରିବେ ।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପୂର୍ବ ନିର୍ଦ୍ଦେଶ ୨୯ ମାର୍ଚ୍ଚ, ୧୫ ଏବଂ ୧୬ ଏପ୍ରିଲ ୨୦୨୦ ଅନୁସାରେ ଫସି ରହିଥିବା ଶ୍ରମିକମାନଙ୍କ ପାଇଁ ଏକ ଏସଓପି ଜାରି କରାଯାଇଛି। ଏହି ଏସଓପି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯାଇ କଡାକଡି ଅନୁପାଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସଂପୃକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ମଧ୍ୟରେ ସେମାନଙ୍କ ଯାତାୟାତ ସୁବିଧା ପାଇଁ ନିମ୍ନରେ ଦିଆଯାଇଥିବା ମାର୍ଗଦର୍ଶିକାକୁ ଅନୁସରଣ କରାଯିବ।ଯେଉଁ ରାଜ୍ୟ ବା କେନ୍ଦ୍ରଶାସିତ ଅଂଚଳରେ ଦାଦନ ଶ୍ରମିକ ରହୁଛନ୍ତି ସେ ସ୍ଥାନୀୟ କର୍ତୃପକ୍ଷଙ୍କ ନିକଟରେ ନିଜର ନାମ ପଞ୍ଜୀକୃତ କରିବା ସହ ନିଜର ପେଶା ସମ୍ପର୍କରେ ଉଲ୍ଲେଖ କରିବେ। ଏହା ସେମାନଙ୍କୁ ସେମାନଙ୍କ ପେଶା ସହ ସଂଶ୍ଳିଷ୍ଟ କାର୍ଯ୍ୟ ଯୋଗାଇବାରେ ସାହାଯ୍ୟ କରିବ। ଯେଉଁ ଶ୍ରମିକ ଗୋଷ୍ଠୀ ସେହି ରାଜ୍ୟ ମଧ୍ୟରେ ଥିବା ନିଜର କର୍ମକ୍ଷେତ୍ରକୁ ଫେରିବାକୁ ଚାହୁଁଥିବେ ସେମାନଙ୍କ ସ୍ୱାସ୍ଥ୍ୟଗତ ପରୀକ୍ଷା କରାଯାଇ ନିଜ ନିଜ କର୍ମସ୍ଥଳୀକୁ ଯିବାକୁ ଅନୁମତି ମିଳିବ।ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବର୍ତମାନ ଶ୍ରମିକମାନେ ଯେଉଁ ରାଜ୍ୟ ବା କେନ୍ଦ୍ରଶାସିତ ଅଂଚଳରେ ଅଛନ୍ତି ବର୍ତମାନ ପରିସ୍ଥିତିରେ ସେମାନେ ଅନ୍ୟ ରାଜ୍ୟକୁ ଯାଇପାରିବେ ନାହିଁ। ସେମାନେ ଯେଉଁ ବସରେ ଯାତ୍ରା କରିବେ ସେଥିରେ ସାମାଜିକ ଦୂରତ୍ୱ କଡାକଡି ଭାବେ ପାଳନ କରାଯିବ ଓ ପରିବହନ ପାଇଁ ଉଦ୍ଦିଷ୍ଟ ବସକୁ ସ୍ୱାସ୍ଥ୍ୟବିଭାଗ କର୍ତୃପକ୍ଷଙ୍କ ନିର୍ଦ୍ଦେଶ ମୁତାବକ ବିଶୋଧନ କରାଯିବ। କୋଭିଡ-୧୯ ପରିସ୍ଥିତିର ପରିଚାଳନା ପାଇଁ ଏପ୍ରିଲ ୧୫ ତାରିଖରେ ଜାରି ହୋଇଥିବା ଜାତୀୟ ମାର୍ଗଦର୍ଶିକାକୁ କଡାକଡି ପାଳନ କରିବାକୁ ପଡିବ।ସେମାନେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ସମୟରେ ସ୍ଥାନୀୟ କର୍ତୃପକ୍ଷ ସେମାନଙ୍କୁ ଖାଦ୍ୟ ଓ ପାନୀୟ ଜଳ ଯୋଗାଇ ଦେବେ।

କରୋନା ମୁକାବିଲାରେ ଯୁବବର୍ଗଙ୍କ ଭୂମିକା ଅପରିହାର୍ଯ୍ୟ ! !

ପ୍ରସ୍ତୁତି – ଡ଼ି ଶୁଭମ୍

ଏନ୍ତୁଡ଼ିଶାଳରୁ ଆରମ୍ଭ ହୋଇ ଚିତାନିଆଁରେ ପରିସମାପ୍ତି ଘଟେ ଏଇ ଜୀବନସଂଗ୍ରାମ

ଟି ଟାଇମ୍

ଜୋକ୍ସ

ଟିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି ବାପା-ଜିଏ କିଏ ଆସୁଛନ୍ତି ?
ଟିଣ୍ଟୁ-କେହି ନୁହେଁ, ମୁଁ ତମେ ଆଜ ପ୍ରିନ୍ସିପାଲ ।

ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

- ∑ଆନ୍ତର୍ଜାତିକ ମାଇଣ୍ଡେନ୍ ଡେ'
- ∑ ଗୁରୁ ରଫିନେସ୍‌ଙ୍କ ଜନ୍ମ (୧୯୩୧-୧୯୯୦)
- ∑ଭାରତର ତ୍ରୟୋଦଶ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଜନ୍ମ (୧୯୩୫)
- ∑ ଦେସ୍ ଡାଗଲା ବିଶ୍ୱନାଥ ଆନନ୍ଦଙ୍କ ଜନ୍ମ (୧୯୬୯)
- ∑କଣ୍ଠଶିଳ୍ପୀ ଅଭିନେତ୍ରୀ ଏମ୍‌ଏସ୍ ସୁବୁଲକ୍ଷ୍ମୀଙ୍କ ପରଲୋକ (୧୯୧୬-୨୦୦୪)
- ∑ ଭାରତ-ଆମେରିକୀୟ ସିତାର ବାଦକ ରବି ଶଙ୍କରଙ୍କ ପରଲୋକ (୧୯୨୦-୨୦୧୨)

ପୁରାଣ କାହାଣୀ

ରାଜାଙ୍କ ଗର୍ବ ଖର୍ବ ହେଲା

ଏକଦା ବିକ୍ରମାଦିତ୍ୟଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେବେ ଆପଣଙ୍କ ମନରେ ଜାଗି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାରେ । ବିକ୍ରମାଦିତ୍ୟ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା କହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଉନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ବିକ୍ରମାଦିତ୍ୟଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଇଚ୍ଛି ରହିଅଛି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ । କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁ ଓ ଶିଷ୍ୟର ସମ୍ପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉପରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି। ଆପଣ ଏକଥା କହିସାରୁନଥିଲେ ଗୁରୁଙ୍କ ଏପରି କଥା ଶୁଣି ରାଜା ବିକ୍ରମାଦିତ୍ୟ ନିଜର ଭୁଲକୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

ରୋବଟ କରେ ହୋଟେଲ କାମ

ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି । ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି । ସମସ୍ତେ ହେଉଛନ୍ତି ରୋବଟ । ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି । ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାର ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି । 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି । ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି । ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ । 'ହେନ ନା' ଅର୍ଥ ଅଲୌକିକ । ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ । ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି । ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସଂସ୍ଥା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଜ୍ଞାନିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି ।

ରୀୟାଙ୍କ ଅଧୁରା ସ୍ୱପ୍ନ

ଓଡ଼ିଆ ସିନେ ଜଗତର ଜଣେ ଲୋକପ୍ରିୟ ହଟ୍ ଆଣ୍ଡ ସେକ୍ସି ହିରୋଇନ୍ ଟାଲିକାର ଶୀର୍ଷରେ ଥିବା ରୀୟା ବେ ଇତିମଧ୍ୟରେ ବେଶ କେତୋଟି ସିନେମାରେ ଅଭିନୟ କରିସାରିଲେଣି। ଇତିମଧ୍ୟରେ ସେ ଓଲିଉଡ୍‌ର ଅଧିକାଂଶ ଟପ୍ ନିର୍ଦ୍ଦେଶକ ଓ ନାମୀ ପ୍ରଯୋଜନା ସଂସ୍ଥାର ଫିଲ୍ମରେ ବି କାମ କରିସାରିଲେଣି। ଖାଲି ସେତିକି ନୁହେଁ ସେ ଓଡ଼ିଆ ଚଳଚ୍ଚିତ୍ରର ଅଧିକାଂଶ ଲୋକପ୍ରିୟ ନାୟକଙ୍କ ବିପକ୍ଷରେ ପରଦାରେ ମଧ୍ୟ ରୋମାନ୍ସ କରିବାର ସୁଯୋଗ ପାଇଛନ୍ତି। ଏବେ ଆପଣମାନେ ପଚାରିବେ, ରୀୟା ଏତେ ସବୁ ସଫଳତା ପାଇବା ପରେ ତାଙ୍କର ସ୍ୱପ୍ନ କିପରି ପୂରଣ ହୋଇପାରିନାହିଁ ? ରୀୟା ଏକଦା ଏକ ସାକ୍ଷାତକାରରେ କହିଥିଲେ ଯେ ଓଲିଉଡ୍‌ର ନାମୀ ନାୟକ ଅନୁଭବ ମହାନ୍ତିଙ୍କ ନାୟିକା ଭାବେ ପରଦାରେ ଦେଖା ଦେବାକୁ ଚାହାଁନ୍ତି। ହେଲେ ଏହି ଅଭିଳାଷ ତାଙ୍କର ଏଯାବତ୍ ଅପୂରଣୀୟ ହୋଇ ରହିଯାଇଛି। କାରଣ ତାଙ୍କୁ କୌଣସି ନିର୍ମାତା ନିର୍ଦ୍ଦେଶକ ଅନୁଭବଙ୍କ ସହ ଫିଲ୍ମର ଅଫର୍ କରୁନାହାନ୍ତି। ଏଠାରେ ସୂଚନାଯୋଗ୍ୟ ବି ରୀୟା ଇତିମଧ୍ୟରେ ସିଦ୍ଧାନ୍ତ, ଅରିନ୍ଦମ୍, ବାବୁସାନ୍, ସତ୍ୟସାଚୀ, ଆକାଶ ଓ ଅଭିଷେକ ପ୍ରମୁଖଙ୍କ ବିପକ୍ଷରେ ରୂପେଲି ପରଦାରେ ନଜର ଆସିଛନ୍ତି ନାୟିକା ଭାବେ। ଦେଖାଯାଉ, କେବେ ରୀୟାଙ୍କ ଉପରେ ଅନୁଭବଙ୍କର କୌଣସି ନିର୍ମାତା ନିର୍ଦ୍ଦେଶକଙ୍କର ଶୁଭଦୃଷ୍ଟି ପଡୁଛି। ଯଦ୍ୱାରା ତାଙ୍କର ଏହି ସ୍ୱପ୍ନ ପୂରଣ ହେବ !

ବାଲି ନିର୍ମିତ ହୋଟେଲ୍

ଦିନାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଏସ୍ ଟାଇନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଡ ବେନ୍ ଭିଣ୍ଡେନ କହନ୍ତି ହୋଟେଲରେ ଏଇଭଳି ବାଲି ତିଆରି ହୋଟେଲ୍ ବନାଇବାର ଆରମ୍ଭିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱାଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଣ୍ଡେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ହାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଡ୍ରାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଉକ୍ତ ଈଶ୍ୱର, ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିଗଲି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆହ୍ୱାନିତ କରେ, ଯେପରି ସେ ନିଜର ଭକ୍ତଙ୍କୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା ଦୁଃଖରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ ଜୀବନଯାପନ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆମ୍ଭାନୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ସୁଗ୍ରୀବ ସେନା ଯୁଦ୍ଧରେ ବିଜୟୀ ହୋଇ ସୁଗ୍ରୀବ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭାବ ସମସ୍ତଙ୍କର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆର ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଉଲୁଗି ଧ୍ୱଜା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମରିଯିବା ସହ ତାଙ୍କର ଅଭିମାନ ମଧ୍ୟ ଚୂର୍ଣ୍ଣ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

ଆଜିର ଭାଗ୍ୟ

ମେଷ — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସହାୟତା ସହଯୋଗ ପାଇପାରେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପାରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

ବୃଷ — ନିଜ ଲୋକମାନେ ଭର୍ତ୍ତି ପରାଯଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପାରନ୍ତି।

ମିଥୁନ — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ମାନ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ ହେତୁ କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଅର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁକର ସାନ୍ନିଧ୍ୟ ବାଲକୁ ଖୁସି ହେବେ।

କର୍କଟ — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଅଶିକରୁ ମନ ଭାରାକ୍ରାନ୍ତ ରହିବ। ସ୍ୱାଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ଗୋପନୀୟ କ୍ଷେତ୍ରରେ ପଦ ମର୍ଯ୍ୟାଦା ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

ସିଂହ — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମନ୍ତ ଜୀବନରେ ବୁଝାମଣା ନେଇ ବିରକ୍ତ ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଯେତେ ଭଲ କାମ କରେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

କନ୍ୟା — ପ୍ରତ୍ୟେକ କ୍ଷେତ୍ରରେ ଉତ୍ତମ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

ତୁଳା — ଭାଇର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ୍ୟ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇପାରେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ।

ବିଛା — ପ୍ରେମିକାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମର ଜର୍ଯ୍ୟା ଭାସଲ କରିବାରେ ସଫଳ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

ଧନୁ — ପାରିବାରିକ ଅସ୍ଥିରତା ଜାରି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

ମକର — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଘରେ ମୁକ୍ତ ପରାମର୍ଶ ପାଇ ଖୁସି ହେବେ।

କୁମ୍ଭ — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ଚିନ୍ତିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଜୋଟିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

ମୀନ — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଚୌରାସ୍ତାକିଡ଼ି ମନେ କରିବେ।

୩ ଫୁଟର ବର-କନ୍ୟା

କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ସୁଜା ସୁରାଣାଙ୍କୁ । ସୁଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହି କୁହନ୍ତି ।

ଅର୍ଥନୀତିକୁ ମୁଖ୍ୟ ପଥକୁ ଫେରାଇ ଆଣିବା ପାଇଁ ରାଜସ୍ଥାନ ସରକାରଙ୍କ ବିଭିନ୍ନ ପଦକ୍ଷେପ

ଜୟପୁର: କରୋନା ସଂକ୍ରମଣକୁ ରୋକିବା ଲାଗି ଅନେକ ପଦକ୍ଷେପ ଗ୍ରହଣ କରୁଥିବା ରାଜସ୍ଥାନ ସରକାର ଏବେ ରାଜ୍ୟର ଅର୍ଥନୀତିକୁ ମୁଖ୍ୟ ପଥକୁ ଫେରାଇ ଆଣିବା ଲାଗି ବିଭିନ୍ନ ପ୍ରଭାବଶାଳୀ ପଦକ୍ଷେପ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ନେତୃତ୍ୱାଧୀନ ରାଜସ୍ଥାନ ସରକାର ଭିଲୱାରା ଅଂଚଳରେ ସମ୍ପୂର୍ଣ୍ଣ କର୍ଫ୍ୟୁ ଜାରି କରିଛନ୍ତି । ଏହା ସହିତ ସର୍ବଭାରତୀୟ ସ୍ତରରେ ଲକ୍‌ଲାଉନ୍ ବୃଦ୍ଧି କରାଯିବା ପୂର୍ବରୁ ଏହି ରାଜ୍ୟ ଲକ୍‌ଡାଉନ୍ ଅବଧି ବଢ଼ାଇଥିଲା । ଶ୍ରମ ଶକ୍ତିର ଅଭାବ ପରିଲକ୍ଷିତ ହେବା ସହ ଚାହିଦା କମିଯାଇଥିବାରୁ ଶିଳ୍ପ କ୍ଷେତ୍ର ସ୍ୱାଭାବିକ ହେବାକୁ ତିନି ମାସ ସମୟ ଲାଗିଯିବ । ଅର୍ଥନୈତିକ ପ୍ରଭାବ ସଂକ୍ରାନ୍ତରେ ରାଜସ୍ଥାନ ସରକାର ଅବଗତ କରିଛନ୍ତି ଯେ, ରାଜସ୍ୱ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିବା ବେଳେ ଖର୍ଚ୍ଚ ବହୁତ ବଢ଼ିଯାଇଛି । ମାର୍ଚ୍ଚ ୧୦ରୁ ୨୧ ଭିତରେ ୩୫୦୦ କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇଛି ଯାହା ଗତବର୍ଷ ସେହି ସମୟ ଆଦାୟ ହୋଇଥିବା ରାଜସ୍ୱ ଠାରୁ ବହୁତ କମ୍ । ଏପ୍ରିଲ୍ ୧ରୁ ୭ ତାରିଖ ଭିତରେ ୩୦୦ କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇଛି । ଲକ୍‌ଡାଉନ୍ ପ୍ରଭାବରୁ ବାଣିଜ୍ୟିକ ଟିକସ, ଅବକାରୀ ଟିକସ ଏବଂ ଅନ୍ୟାନ୍ୟ ଟିକସ ଆଦାୟ ପ୍ରଭାବିତ ହୋଇଛି । ଏହି ସମୟରେ ସରକାରଙ୍କ ଖର୍ଚ୍ଚ ପରିମାଣ ୨୬୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି ଯାହାକୁ ପିପିଇ ଉପକରଣ, ଭେଂଟିଟେର ଆଦିରେ ଖର୍ଚ୍ଚ କରାଯାଇଛି । ଏହା ବ୍ୟତୀତ ରୋଗୀ ପରୀକ୍ଷା ବାବଦରେ ଏବଂ ସାଧାରଣ ବଂଟନ ବ୍ୟବସ୍ଥା ଜରିଆରେ ଖାଦ୍ୟଶସ୍ୟ ପହଂଚାଇବା ଦିଗରେ ମଧ୍ୟ ଟଙ୍କା ଖର୍ଚ୍ଚ ହୋଇଛି । ରାଜସ୍ଥାନ ସରକାର ସରକାର ୫ କୋଟି ଲୋକଙ୍କୁ ପଡିଏସ୍‌ରେ ଖାଦ୍ୟଶସ୍ୟ ପ୍ରଦାନ କରିଛନ୍ତି । କେନ୍ଦ୍ର ଦେଇଥିବା ବେଳେ ରାଜ୍ୟ ସରକାର ଆଉ ୫ କେଜି ମାଗଣାରେ ଜେକି ଗହମ ବାଂଟିଛନ୍ତି । ଏହା ବ୍ୟତୀତ ସାମାଜିକ କଲ୍ୟାଣମୂଳକ ଭତା ପରିମାଣ ବୃଦ୍ଧି କରାଯାଇଛି । ଅର୍ଥନୀତି ଉପରେ କରୋନା ଭୂତାଣୁର ପ୍ରଭାବକୁ କମ୍ କରିବା ଲାଗି ମୁଖ୍ୟମନ୍ତ୍ରୀ ଉପଦେଷ୍ଟା ଭାବେ ବର୍ତମାନ କାର୍ଯ୍ୟ କରୁଥିବା ରାଜ୍ୟର ପୂର୍ବତନ ଅର୍ଥ ସଚିବଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଗ୍ରୁପ୍ ଗଠନ କରାଯାଇଛି । ଲକ୍‌ଡାଉନ୍ ଖୋଲିବା ପରେ ବିଭିନ୍ନ ପ୍ରକାର ଅର୍ଥନୈତିକ କାର୍ଯ୍ୟକଳାପ ଉପରେ ଏହା କାର୍ଯ୍ୟ କରିବ । ପିଏମ୍ କେୟାରସ୍ ଫଣ୍ଡରୁ ପାଣ୍ଠି ଦେବା ଲାଗି ମଧ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ଗେହଲଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖିଛନ୍ତି । ରାଜ୍ୟଗୁଡ଼ିକର ଜନସଂଖ୍ୟାକୁ ବିଚାରକୁ ନେଇ ଏକ ଲକ୍ଷ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିବାକୁ ଶ୍ରୀ ଗେହଲଟ ଦାବି କରିଛନ୍ତି । ସେହି ଅନୁସାରେ ରାଜସ୍ଥାନକୁ ୫୦୦୦ କୋଟି ଟଙ୍କାର ପ୍ୟାକେଜ୍ ମିଳିବ । କେନ୍ଦ୍ରୀୟ ଟିକସରେ ରାଜ୍ୟର ଭାଗ ବାବଦ ଏପ୍ରିଲ୍ ମାସର ଟଙ୍କା ଦେବାକୁ ମଧ୍ୟ ସେ ଦାବି କରିଛନ୍ତି । ରାଜ୍ୟର ଋଣ ସୀମାକୁ ଦୁଇ ପ୍ରତିଶତକୁ ବଢ଼ାଇବା ଏବଂ ବକେୟା ଥିବା ଜିଏସଟି କ୍ଷତିପୂରଣ ଦେବାକୁ ରାଜସ୍ଥାନ ସରକାର ଦାବି କରିଛନ୍ତି ।

ପୁରୀ ରଥଯାତ୍ରାକୁ ନେଇ ପତ୍ର ଲେଖିଲେ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ

ଭୁବନେଶ୍ୱର, (ପିଏନ)- କରୋନା ସଂକ୍ରମଣ କାରଣରୁ ପୁରୀରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଳନ ସମ୍ପର୍କରେ ଅନିଶ୍ଚିତତା ନେଇ ଗଣମାଧ୍ୟମ ରିପୋର୍ଟ ପ୍ରକାଶିତ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖିଛନ୍ତି କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ । ଏକତାର ପ୍ରତୀକ ରଥ ଯାତ୍ରା ବର୍ତମାନ ପରିସ୍ଥିତିରେ କିପରି ହେବ ଓ ପରମ୍ପରା ରକ୍ଷା ହେବ ସେ ନେଇ ପ୍ରସଙ୍ଗରେ ଶଙ୍କରାଚାର୍ଯ୍ୟ, ପୁରୀ ଗଜପତି ମହାରାଜଙ୍କ ସହ ପରାମର୍ଶ କରିବାକୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେବାକୁ ସେ ଏହି ପତ୍ରରେ ଅନୁରୋଧ କରିଛନ୍ତି ।

ସେ ଏହି ପତ୍ରରେ କହିଛନ୍ତି ଯେ କରୋନା କାରଣରୁ ନିଶ୍ଚିତ ଭାବେ ରଥ ଯାତ୍ରାରେ ଭକ୍ତ ମାନଙ୍କର ସମାଗମ ଓ ଉତ୍ସାହରେ ଫରକ ଆସିବ । ତେବେ କଟକଣା ସତ୍ତ୍ୱେ ପୁରାତନ ପରମ୍ପରା ଅନୁସାରେ ଏହି ରଥ ଯାତ୍ରା ପାଳନ ହେବା ଆବଶ୍ୟକ ବୋଲି ସେ ମନେ କରନ୍ତି ।

ତେଣୁ ଏହି ମାମଲାରେ ଲୋକ ମାନଙ୍କ ମନରେ ତିଆରି ହୋଇଥିବା ଭ୍ରମକୁ ଦୂର କରିବା ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ଶଙ୍କରାଚାର୍ଯ୍ୟ, ପୁରୀ ଗଜପତି ମହାରାଜଙ୍କ ସହ ଆଲୋଚନା କରିବାକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛନ୍ତି ଶ୍ରୀ ଷଡଙ୍ଗୀ । ରଥ ଯାତ୍ରା କେଉଁ ଭଳି ଭାବେ ଓ କେଉଁ ସ୍ତରରେ କରା ଯିବ ସେ ନେଇ ମୁକ୍ତି ମଣ୍ଡପ, ଦଇତାପତି, ସେବାୟତ, ବୁଦ୍ଧିଜୀବୀ ମାନଙ୍କ ଠାରୁ ପରାମର୍ଶ ନେବାକୁ ସେ ଏହି ପତ୍ରରେ ଅନୁରୋଧ କରିଛନ୍ତି ।

ବାପ, ମା ଛାଡି ଚାଲିଗଲେ
୧୪ ବର୍ଷିୟା ନାବାଳିକା ଉପରେ ୪ ସାନ ଭାଇ ଭଉଣୀଙ୍କ ବୋଝ

ରାଉରକେଲା, (ପିଏନ)- ହଜିଗଲା ପିଲା ଦିନ, ପାଠ ପଢିବା ସ୍ୱପ୍ନ ହୋଇ ରହିଗଲା । ବାପା ମାଙ୍କ ସ୍ନେହ ଆଦର ଭିତରେ ବଢିବା ବଦଳରେ ପର ଘରେ କାମ କରି ନିଜର ୨ ବର୍ଷରୁ ୮ବର୍ଷର ୪ଜଣ ଭାଇ ଭଉଣୀଙ୍କ ପେଟ ପୋଷିବା ଓ ସେମାନଙ୍କ କଥା ବୁଝିବା ମୁଖ୍ୟ ଦାୟିତ୍ୱ ହୋଇଛି ଜଣେ ୧୪ବର୍ଷର ନାବାଳିକାଙ୍କର । ଏଭଳି ଖବର ଆସିଛି ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ସହର ଅଂଚଳରୁ ।

ରାଜଗାଙ୍ଗପୁର ସହର ଠାରୁ ଅଳ୍ପ ଦୂରରେ ଥିବା ପାହାଡିଆ ସ୍ଥାନ ମାଲିଡିହୀ । ସେଠାରେ ମାତ୍ର ୨୦ଟି ପରିବାର ବସବାସ କରନ୍ତି । ସେହି ପରିବାର ଭିତରେ ଏକ ଭଙ୍ଗା ଦଦରା ଘରେ ରୁହନ୍ତି ୧୪ ବର୍ଷର ନାବାଳିକା କୁସୁମ ମାଝୀ ଓ ତାଙ୍କର ସାନ ଭାଇ କୁସ୍ମ ମାଝୀ(୨), କୁନାଲ ମାଝୀ (୬), ଭଉଣୀ ବର୍ଷା ମାଝୀ (୮) ଓ ଭାଇ ସମୀର ମାଝୀ (୧୨) । ଗତକାଲି ରାଜଗାଙ୍ଗପୁର ବିଜେଡି ସଭାପତି ବ୍ରଜେନ୍ଦ୍ର ବେହେରା ଓ ତାଙ୍କ ସମର୍ଥକ ମାନେ ସେହି ଅଂଚଳରେ ଖାଦ୍ୟ ବାଂଟିବା ଲାଗି ଯାଇଥିବା ବେଳେ ଏହି କଥା ନଜରକୁ ଆସିଥିଲା । ଅନୁସନ୍ଧାନରୁ ଜଣାପଡିଛି ଯେ, ଏହି ପିଲା ମାନଙ୍କୁ ଜନ୍ମ ଦେଇଥିବା ବାପ, ମା କୌଣସି ଏକ ବିବାଦୀୟ ପରିସ୍ଥିତିରେ ଘର ଛାଡି ଦୁଇ ବର୍ଷ ତଳୁ ଚାଲିଯାଇଥିଲେ । ପରେ ଭୋକ ଓପାଷରେ ଏହି ପିଲା ମାନେ ଡହଳ ବିକଳ ହେବାରୁ ପାଖ ପଡୋଶୀ ମାନେ କିଛିଟା ସହାୟତା ଦେଇଥିଲେ । ପରେ ଘରର ବଡ ଭଉଣୀ କୁସୁମ ୧୨ ବର୍ଷ ବୟସରେ ପାଠ ପଢା ଛାଡି ରାଜଗାଙ୍ଗପୁର ସହରର ଜଣେ ବାବୁଙ୍କ ଘରେ ସକାଳୁ କାମକରି ମାସକୁ ୩ ହଜାର ଟଙ୍କା ପାଇ ଏହି ୪ଜଣ ଭାଇ ଭଉଣୀଙ୍କର ଜୀବନ ବଂଚେଇ ଆସୁଥିଲେ । ଏହି ପିଲା ମାନଙ୍କ ଠାରୁ ଜଣାପଡିଛି ଆଜି ଯାଏ କୌଣସି ସରକାରୀ ବାବୁ କିମ୍ବା ସ୍ୱେଚ୍ଛାସେବୀ ସଂଗଠନର ଏମାନଙ୍କ ଉପରେ ନଜର ପଡିନଥିଲା । ସରକାରୀ ବିଦ୍ୟାଳୟରେ ୨ଜଣ ପାଠ ପଢୁଥିବା ବେଳେ ସେମାନଙ୍କୁ ଏଯାଏ ମିଳିନି ରାସନ କାର୍ଡ, ସରକାରୀ ଭତା କିମ୍ବା ସରକାରୀ ପକ୍କାଘର । ଭଗବାନଙ୍କ ଭରଷାରେ ଏମାନେ ଆଜିଯାଏ ଦିନ କାଟୁଥିବା ବେଳେ କରୋନା ସମୟରେ ଖାଦ୍ୟ ଦେବା ଲାଗି ସେହି ଅଂଚଳକୁ ଯାଇଥିବା ବିଜେଡି ସଭାପତିଙ୍କର ଏମାନଙ୍କ ଉପରେ ନଜର ପଡିବା ପରେ ଗଣମାଧ୍ୟମ ପ୍ରତିନିଧିଙ୍କର ଏଠାକୁ ସୁଅ ଛୁଟି ଥିଲା । ପରେ ଏହି ଖବର ପଦାକୁ ଆସିଥିଲା । ଏ ନେଇ ଆଜି ଜିଲ୍ଲାର ଅନେକ ଲୋକ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି । ତେବେ ଏଠି ପ୍ରଶ୍ନ ଉଠୁଛି ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଜନ୍ମ ଠାରୁ ମୃତ୍ୟୁ ଯାଏ ଅନେକ ଯୋଜନା, ଅନେକ ସଂଗଠନ ସେବା ନାମରେ ଅନେକ କଥା କହୁଛନ୍ତି, ବଡ ବଡ ଶିଳ୍ପପତି ମଧ୍ୟ ଏହି ସହରରେ ରୁହନ୍ତି, କିନ୍ତୁ ଆଜି ଯାଏ ଏହି ପିଲାମାନଙ୍କ ଉପରେ କାହାର ନଜର ପଡିଲା ନାହିଁ । ତେଣୁ ଜିଲ୍ଲାପାଳ ତୁରନ୍ତ ଏହା ଉପରେ ଦୃଷ୍ଟି ଦେବାକୁ ଦାବି ହେଉଛି ।

ଝୁମ୍ପୁରୀ ବଜାରରେ ଦୁଇଟି ଦୋକାନକୁ ସିଲ୍ କଲା ପ୍ରଶାସନ

ଯାଜପୁର, **(ପିଏନ)**- ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅନ୍ତର୍ଗତ ଝୁମ୍ପୁରୀ ବଜାରଠାରେ ଦୁଇଟି ଦୋକାନକୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ଓ ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ଧଳଙ୍କ ନିର୍ଦ୍ଦେଶ କ୍ରମେ ସିଲ୍ କରି ଦିଆଯାଇଛି । ଶନିବାର ପୂର୍ବାହ୍ନରେ ଉଭୟ ଅଧିକାରୀ ଝୁମ୍ପୁରୀ ବଜାରର ବିଭିନ୍ନ ଅତ୍ୟାବଶ୍ୟକୀୟ ସାମଗ୍ରୀ ଦୋକାନରେ ସାମାଜିକ ଦ୍ୱରତା କିପରି ପାଳନ କରାଯାଉଛି ତାହାକୁ ଅନୁଧ୍ୟାନ କରିବା ସମୟରେ ଲୁଗାଦୋକାନ କରିଥିବା ସଞ୍ଜୟ ସାହୁଙ୍କର ଦୋକାନଟି ଖୋଲାଥିବା ଦେଖିଥିଲେ । ସେହିପରି କିଛି ଲୋକ ଚା' ପିଉଥିବା ଦେଖି ଅଧିକାରୀମାନେ ଚା' ଦୋକାନ ଖୋଲୁଥିବା ସମ୍ପର୍କରେ ଲୋକମାନଙ୍କୁ ପଚାରିଥିଲେ ମଧ୍ୟ ସେମାନେ ସଠିକ ଉତର ଦେଇ ନଥିଲେ । ଅଧିକାରୀ ମାନଙ୍କ ସନ୍ଦେହ ହେବାରୁ ସେହି ବସ୍ତାଳୟ ସମ୍ମୁଖର ଏକ କ୍ୟାବିନକୁ ଖୋଲିବା ପରେ ସେଠାରେ ଚା' ଦୋକାନ କରିଥିବା ମହେଶ୍ୱର ସାହୁଙ୍କୁ ଧରିଥିଲେ । ସେଠାରୁ ଗରମ ପାଣି କେଟଲି ଓ ନଗଦରେ ଚା' କରିଥିବାର ପ୍ରମାଣ ମିଳିବା ପରେ ମହେଶ୍ୱରଙ୍କୁ ଫାଣ୍ଡିରେ ଅଟକ ରଖାଯିବା ସହ ଦୁଇଟିଯାକ ଦୋକାନକୁ ସିଲ୍ କରାଯାଇଥିଲା । ଉଭୟ ଦୋକାନୀଙ୍କ ନାମରେ ମାମଲା ରୁଜୁ କରିବାକୁ ତହସିଲଦାର ଓ ବି.ଡି.ଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପରେ ଉଭୟ ଅଧିକାରୀ କାଟିଆ, ମଙ୍ଗଳପୁର ଇତ୍ୟାଦି ଅଂଚଳ ବୁଲି ବାଇକ୍‌ରେ ଅଯଥାରେ ବୁଲୁଥିବା ଅମାନିଆଙ୍କୁ ଧରି ଫାଇନ ଆଦାୟ କରିଥିଲେ । ସାମାଜିକ ଦୂରତା ଓ ମାସ୍କ ଲଗାଇବାକୁ ସମସ୍ତଙ୍କୁ ସଚେତନ କରାଇବା ସହ ଯେଉଁ ଗ୍ରାହକମାନେ ମାସ୍କ ଲଗାଉନାହାଁନ୍ତି ସେମାନଙ୍କୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ପ୍ରଦାନ ନ କରିବାକୁ ଦୋକାନୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ପୂର୍ବରୁ ମଧ୍ୟ ସୁନ୍ଦରୀମୁହଁ, ରାମବାଗ ଇତ୍ୟାଦି ଅଂଚଳରେ ଅନୁରୂପ ଭାବେ ଧରପଗଡ଼ କରାଯିବା ସହ ଅମାନିଆଙ୍କୁ ସାବାଡ଼ ଓ ଲୋକମାନଙ୍କୁ କରୋନା ସଂପର୍କରେ ସଚେତନ କରାଯାଇଥିଲା । ଏହି ଅନୁଧ୍ୟାନ ସମୟରେ ଦଶରଥପୁର ବିଡିଓ ନାରାୟଣ ଚନ୍ଦ୍ର ନାୟକ, ଦଶରଥପୁର ତହସିଲଦାର ସୌଭାଗ୍ୟ ବେହେରା, ମଙ୍ଗଳପୁର ଥାନା ଆଇ. ଆଇ.ସି ଅସିତ ରଂଜନ ମହାନ୍ତି, ଅତିରିକ୍ତ ତହସିଲଦାର କୈଳାଶ ଚନ୍ଦ୍ର ମଲ୍ଲିକ, ଜିଲ୍ଲା ପଂଚାୟତ ଅଧିକାରୀ ଅଶୋକ କୁମାର ସେଠୀ ପ୍ରମୁଖ ଏଥିରେ ସାମିଲ ଥିଲେ ।

ସେବାୟତଙ୍କ କରୋନା ଟେଷ୍ଟ ପ୍ରସ୍ତାବ ଦେଲେ ବରିଷ୍ଠ ସେବାୟତ ରାମଚନ୍ଦ୍ର

ପୁରୀ, (ପିଏନ)- ଶ୍ରୀମନ୍ଦିର ସେବାୟତଙ୍କ କରୋନା ଟେଷ୍ଟ ପ୍ରସ୍ତାବ ଦେଇଛନ୍ତି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ବରିଷ୍ଠ ଦଇତାପତି ସେବାୟତ ରାମଚନ୍ଦ୍ର ଦାସମହାପାତ୍ର । ଆଗାମୀ ରଥଯାତ୍ରା ନିମନ୍ତେ ଶ୍ରୀଜୀଉଙ୍କ ସମସ୍ତ ନୀତିକାନ୍ତି ନିର୍ବିଘ୍ନରେ ପାଳିବାକୁ ସମସ୍ତ ସେବାୟତଙ୍କ କରୋନା ଟେଷ୍ଟ ଜରୁରୀ ବୋଲି ସେ କହିଛନ୍ତି ।

ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପହଣ୍ଡିରେ ସଂଶ୍ଳିଷ୍ଟ ସମସ୍ତ ସେବାୟତଙ୍କ କରୋନା ଟେଷ୍ଟ କରାଇ ସେମାନଙ୍କୁ ପରିଚୟ ପତ୍ର ପ୍ରଦାନ କରୁ । କାରଣ ରଥଯାତ୍ରାର ସମସ୍ତ କାର୍ଯ୍ୟ ସମ ଦୂରତ୍ୱ ନିୟମରେ ପାଳନ କରିବା ସମ୍ଭବ ନୁହେଁ । ବିଶେଷ କରି ପହଣ୍ଡି ବିଜେ ବେଳେ ସମଦୂରତା ଆଦୌ ରକ୍ଷା କରିହେବନି ବୋଲି ସେ ପ୍ରକାଶ କରିଛନ୍ତି ।

ପୁରୀ ଓ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

ଭୁବନେଶ୍ୱର, (ପିଏନ)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ୱିତୀୟ ପର୍ଯ୍ୟାୟ ଲକ୍ ଡାଉନ୍ ସମୟରେ ପୁରୀ ଓ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଘରେ ଚଳିତ ମାସ ୨୫ ତାରିଖ ମଧ୍ୟରେ ପାଠ୍ୟପୁସ୍ତକ ପହଂଚାଇ ଦେବାର ଲକ୍ଷ୍ୟ ଧାର୍ଯ୍ୟ କରି କାର୍ଯ୍ୟ ଆରମ୍ଭ କରିଥିବାରୁ ଉଭୟ ଜିଲ୍ଲା ପ୍ରଶାସନକୁ ପ୍ରଶଂସା କରିଛନ୍ତି ।

ବାଲେଶ୍ୱରରୁ ପ୍ରଥମ କରୋନା ପଜିଟିଭ

ଭୁବନେଶ୍ୱର, (ପିଏନ)-ରାଜ୍ୟରେ ଶନିବାର ଦିନ ପୁଣି ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ରାଜ୍ୟର ୬୧ତମ କରୋନା ଆକ୍ରାନ୍ତ ବାଲେଶ୍ୱରରୁ ୫୮ ବର୍ଷୀୟ ସେ ପୁରୁଷ । ବାଲେଶ୍ୱର ଜିଲ୍ଲାରୁ ଆଜି ପ୍ରଥମ ଥର ପାଇଁ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏସମ୍ପର୍କରେ ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ସେ କେଉଁଠିକୁ ଯାଇଥିଲେ, କାହା ସହିତ ମିଶିଥିଲେ ଓ ତାଙ୍କର ସଂସ୍ପର୍ଶରେ କେଉଁମାନେ ଆସିଥିଲେ ତାହାର ଟ୍ରେସିଂ କରାଯାଉଛି ବୋଲି ଟ୍ୱିଟରରେ ସୂଚନା ଦିଆଯାଇଛି । ସୂଚନଯୋଗ୍ୟ, ବାଲେଶ୍ୱର ଜିଲ୍ଲାରେ ଏହା ହେଉଛି ପ୍ରଥମ ପଜିଟିଭ୍ ମାମଲା । ପୂର୍ବରୁ ପଡୋଶୀ ଭଦ୍ରକ ଜିଲ୍ଲାରୁ ୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ବାଲେଶ୍ୱରରୁ ଜଣେ ବ୍ୟକ୍ତି ଚିହ୍ନଟ ହେବା ପରେ ରାଜ୍ୟର ୧୦ଟି ଜିଲ୍ଲାକୁ କରୋନା ସଂକ୍ରମଣ ବ୍ୟାପିଛି । ପୂର୍ବରୁ ଯାଜପୁର, କେନ୍ଦ୍ରାପଡ଼ା, କଟକ, ପୁରୀ, ଖୋର୍ଦ୍ଧା, ଢେଙ୍କାନାଳ, କଳାହାଣ୍ଡି ଓ ସୁନ୍ଦରଗଡ଼ରୁ କରୋନା ପଜିଟିଭ ଚିହ୍ନଟ ହୋଇଥିଲେଯ ।

୨୫୮୩ଟି ଶିବିରରେ ୭୮ ହଜାର ଶ୍ରମଜୀବୀ

ଭୁବନେଶ୍ୱର,(ପିଏନ)- ଓଡ଼ିଶାର ବିଭିନ୍ନ ସ୍ଥାନରେ ଅଟକି ରହିଥିବା ବାହାର ରାଜ୍ୟର ପ୍ରାୟ ୭୮,୦୦୦ ଅତିଥି ଶ୍ରମଜୀବୀଙ୍କୁ ୨୫୮୩ ଟି ଶିବିର ଜରିଆରେ ଖାଇବା ଓ ରହିବା ସୁବିଧା ସହିତ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଛି । ଏହି ସବୁ ଅତିଥି ଶ୍ରମଜୀବୀମାନେ ଦେଶର ଅନ୍ୟାନ୍ୟ ରାଜ୍ୟରୁ ଆସି ଓଡ଼ିଶାର ବିଭିନ୍ନ ସ୍ଥାନରେ ରହିଛନ୍ତି ।

ଖେଳ

Bhubaneswar Monday, April 20,2020 ଭୁବନେଶ୍ୱର ସୋମବାର ଅପ୍ରେଲ ୨୦,୨୦୨୦ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

ଜିଲାପାଳଙ୍କୁ ଦୁର୍ବ୍ୟବହାର ଅଭିଯୋଗ, ୩ ଯୁବକ ଗିରଫ

ଧର୍ମଶାଳା,(ପିଏନ)- ଯାଜପୁର ଜିଲାରେ କରୋନା ସ୍ଥିତି ଅନୁଧ୍ୟାନ କରିବା ଓ ଲକ୍ ଡାଉନ ସମୟରେ ଚେକିଂ କରିବାକୁ ଯାଇଥିବା ପ୍ରଶାସନିକ ଅଧିକାରୀଙ୍କ ଉପରେ ସଙ୍ଘବଦ୍ଧ ଆକ୍ରମଣ ହୋଇଥିବା ଜଣାପଡିଛି । କୁଆଖିଆ ଥାନା ରସୁଲପୁର ବ୍ଲକ ବଡକଇଂଚି ପଂଚାୟତ ଅନ୍ତର୍ଗତ ଗୋପିନାଥପୁର ଗାଁରେ ଏଭଳି ଘଟଣା ଘଟିଥିବା ଜଣାପଡିଛି ।

ଆଜି ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ନେତୃତ୍ୱରେ ଯାଇଥିବା ଏକ ଟିମ୍ ରସୁଲପୁର ଅଂଚଳରେ ଲକ୍ ଡାଉନର ସ୍ଥିତି ଅନୁଧ୍ୟାନ କରିଥିଲେ । ରସୁଲପୁର ବିଡିଓ ଉମାକାନ୍ତ ପରିଡା ଓ ତହସିଲଦାର ଜ୍ୟୋତିକାନ୍ତ ଭୂଜବଳ ପ୍ରମୁଖ ଅନ୍ୟ ଅଧିକାରୀଙ୍କ ସହ ଯାଉଥିବା ସମୟରେ ବିପରିତ ଦିଗରୁ ଆସୁଥିବା କିଛି ବାଇକ୍ ଚାଳକ ମାସ୍କ ଓ ହେଲମେଟ ନ ଲଗାଇ ଯାଉଥିବା ବେଳେ ସେମାନଙ୍କୁ ଅଟକାଇଥିଲେ । ହେଲେ ଯୁବକମାନେ ଗୋପିନାଥପୁର ଗାଁ ଭିତରକୁ ଚାଲିଯାଇଥିଲେ । ସେମାନଙ୍କ ପିଛା କରି ଅଧିକାରୀମାନେ ଉକ୍ତ ଗ୍ରାମରେ ପଂହଚିବା ପରେ ଗ୍ରାମର ୩୦ରୁ ୪୦ ଜଣ ଲୋକେ ସେମାନଙ୍କୁ ଆକ୍ରମଣ କରିଥିଲେ । ଖବର ପାଇ ଜିଲାପାଳ ରଞ୍ଜନ କୁମାର ଦାସ ଘଟଣାସ୍ଥଳରେ ପଂହଚିବା ପରେ ତାଙ୍କୁ କେତେକ ବ୍ୟକ୍ତି ଦୁର୍ବ୍ୟବହାର କରିଥିଲେ । ଖବର ପାଇ ଯାଜପୁର ଜିଲା ଆରକ୍ଷୀ ଅଧିକ୍ଷକ ଚରଣ ସିଂ ମୀନା ଘଟଣାସ୍ଥଳରେ ପଂହଚି ଗ୍ରାମର ସ୍ଥିତି ଅନୁଧ୍ୟାନ କରିବା ସହିତ ସେଠାରେ ବ୍ୟାପକ ପୁଲିସ ମୁତୟନ କରିଥିଲେ । ଏହି ଘଟଣାରେ ୩ ଜଣ ଯୁବକଙ୍କୁ ପୋଲିସ କୁଆଖିଆ ଥାନାରେ ଅଟକ ରଖି ପଚରାଉଚୁରା ଚଳାଇଥିଲା । ଅଟକ ଯୁବକମାନଙ୍କ ମଧ୍ୟରେ ଜଣେ ନିଜାମୁଦ୍ଦିନ୍ ଫେରନ୍ତା ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବାରୁ ସେମାନଙ୍କୁ କ୍ୱାରେଟାଇନରେ ରଖାଯିବ । ଆବଶ୍ୟକ ପଡିଲେ ଗୋପିନାଥପୁର ଗାଁରେ ୧୪୪ ଧାରା ଜାରି ହେବ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି । ଏହି ଅଂଚଳରେ ପୁଲିସ ଫ୍ଲାଗମାର୍ଚ୍ଚ କରାଇଥିବା ଜଣାପଡିଛି । ଅବଦୁଲ ଦୟାନ ଖାଁଙ୍କ ପୁଅ ରାଜନ, ଅବଦୁଲ କଲନ ଖାଁଙ୍କ ପୁଅ ପରବେଜ ଓ ଅବଦୁଲ ସଲାମଙ୍କ ପୁଅ ସୋଫିଆନରାଜଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।

ସୈନିକସ୍କୁଲ ପୁରାତନ ଛାତ୍ରସଂସଦ ଓ ୧୨୦ବାଟାଲିଅନ୍ ମିଳିତ ଉଦ୍ୟମରେ କରୋନା ବିପର୍ଯ୍ୟୟ ଜନିତ ସାହାଯ୍ୟ

ଭୁବନେଶ୍ୱର,(ପିଏନ): କରୋନାର ମହାବିପତି ସମୟରେ ଭୁବନେଶ୍ୱରର କେତେକ ବସ୍ତିବାସିନ୍ଦା ଓ ଗରିବ ଲୋକମାନଙ୍କୁ ମାସ୍କ ଓ ଖାଦ୍ୟଦ୍ରବ୍ୟ ବଂଟନ ନିମନ୍ତେ ସୈନିକସ୍କୁଲ ଭୁବନେଶ୍ୱର ପୁରାତନ ଛାତ୍ରସଂସଦର ସଦସ୍ୟ ଏବଂ ୧୨୦ ବାଟାଲିଅନ୍ ମିଳିତ ଉଦ୍ୟମ ଆରମ୍ଭ କରିଛନ୍ତି । ୧୨୦ ବାଟାଲିଅନ୍‌ର କମାଣ୍ଡିଙ୍ଗ୍ ଅଫିସର ତଥା ସୈନିକସ୍କୁଲ ପୁରାତନ ଛାତ୍ର କର୍ଣ୍ଣେଲ ଡି.ଡି.ସ୍ୱାଇଁ , ବି.ଏମ୍.ସି.ରେ କାର୍ଯ୍ୟରତ ଶ୍ରୀ ଶିଭାଶିଷ ପରିଡା ଓ ସୈନିକସ୍କୁଲ ଅଧ୍ୟକ୍ଷ ମିଳିତ ଭାବେ ସହଯୋଗର ହାତ ବଢାଇଛନ୍ତି । ବର୍ତମାନର ଆବଶ୍ୟକତାକୁ ଅନୁଧ୍ୟାନ କରି ରୋଷେଇ ନିମନ୍ତେ ଚାଉଳ , ଡାଲି , ସୁଜି ପ୍ରଭୃତି ଖାଦ୍ୟସାମଗ୍ରୀ ପୁଡିଆ ବଂଟନର ବ୍ୟବସ୍ଥା କରାଯାଇଛି । ଏହି ବ୍ୟବସ୍ଥା ଓଡିଶାରେ କରୋନା ସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ଚାଲୁରହିବ । ବର୍ତମାନ ପାଇଁ ବଂଟନ କାର୍ଯ୍ୟ ରାଜଧାନୀର ଡମଣା ନୀଳ ପଡିଆ ଏବଂ ନୀଳାଦ୍ରିବିହାରର ନିର୍ମାଣ ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନରେ ଚାଲିଛି । ଉକ୍ତ ସେବା କାର୍ଯ୍ୟପାଇଁ ସୈନିକସ୍କୁଲ ପୁରାତନ ଛାତ୍ର ସଂସଦ ର ଅଧକ୍ଷ୍ୟ ଶ୍ରୀ ଅମିତାଭ ସ୍ୱାଇଁ, ସେକ୍ରେଟାରୀ ଡାକ୍ତର ନିରଂଜନ ପାଢୀ, ଟ୍ରେଜରର ଶ୍ରୀ ତରୁଣ ମହାନ୍ତି , ଶ୍ରୀ ଯୋଗେନ୍ଦ୍ର ସାହୁ , ଶ୍ରୀ ପ୍ରଦୀପ ଦାସମହାପାତ୍ର ଏବଂ ଅନ୍ୟାନ୍ୟ ପୁରାତନ ଛାତ୍ରମାନଙ୍କର ପ୍ରଚେଷ୍ଟା ସ୍ୱାଗତ ଯୋଗ୍ୟ । ସମୟ କ୍ରମେ ଏହି କାର୍ଯ୍ୟ ରାଜଧାନୀର ଅନ୍ୟ ଅଂଚଳକୁ ମଧ୍ୟ ସଂପ୍ରସାରିତ ହେବାର ଯୋଜନା ଅଛି । ବଂଟନ ଦ୍ରବ୍ୟ ମଧ୍ୟରେ ଅଛି : -ଚାଉଳ ୫କେ.ଜି. ,ଡାଲି ୫୦୦ଗ୍ରା. ,ଆଳୁ ୫କେ.ଜି. , ପିଆଜ ୧ କେ.ଜି., ଚୁଡା ୧.୫- ୨ କେ.ଜି. ,ଚିନି ୦.୫ - ୧ କେ.ଜି.,ଲୁଣ ୫୦୦ଗ୍ରା.,ତେଲ ୧ ଲିଟର , କ୍ଷୀର ପାଉଡର ୨୫୦ ଗ୍ରା.,ଚା ପତି ୧୦୦ଗ୍ରା. ,ହଳଦି ୧୦୦ଗ୍ରା., ଫୁଟଣ ୧୦୦ଗ୍ରା. , ସାବୁନ ୧ ଏବଂ ଲୁଗାଧୁଆ ସାବୁନ ୧ ।

ମାନବ ସୁରକ୍ଷା ଅଧିକାର ସଙ୍ଗଠନ ଅନୁଗୋଳ ଏବଂ ବିଶ୍ୱ ଯୁବକେନ୍ଦ୍ର ତରଫରୁ ସଚେତନା ଓ ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମ

ରାଜକିଶୋରନଗର,(ପିଏନ)- ମାନବ ସୁରକ୍ଷା ଅଧିକାର ସଙ୍ଗଠନ ଅନୁଗୋଳ ଏବଂ ବିଶ୍ୱ ଯୁବକେନ୍ଦ୍ର ବଣିନାଳୀ ମିଳିତ ସହଯୋଗରେ କରୋନା ଭୁତାଣୁ ସଂକ୍ରମଣ ସମ୍ପର୍କରେ ସଚେତନା ଓ ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମ ୧୬ ଓ ୧୮ ତାରିଖ ଦୁଇଟି ପର୍ଯ୍ୟାୟରେ କିଶୋରନଗର ବ୍ଲକରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କ୍ଷେତ୍ରପାଳ, ଡାଙ୍ଗିନାଳୀ ସାହି, ଡେବେରାପାଲି ଆଦିବାସୀ ସାହିର ୫୪ଟି ଆଦିବାସୀ ପରିବାରକୁ ଚୂଡା, ଚିନି, ତେଲ, ଡାଲି, ବିସ୍କୁଟ, ଅମୂଲ, ମିଲମେକର, ବ୍ରେଡ ପ୍ରଭୃତି ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି । ଏଥିସହିତ ଦୁଇ ଶହ ଲୋକଙ୍କୁ ମାସ୍କ ପ୍ରଦାନ କରାଯାଇଥିଲା । ସରକାରଙ୍କ ଲକ୍ ଡାଉନ୍ ନିୟମ ମାନି ସାମାଜିକ ଦୂରତା ବଜାୟ ରଖିବା ଓ ମାସ୍କର ବ୍ୟବହାର କରିବା ପାଇଁ ଲୋକମାନଙ୍କୁ ସଚେତନ କରାଯାଇଥିଲା । ମାନବାଧିକାର ସୁରକ୍ଷା ସଙ୍ଗଠନ ଅନୁଗୋଳର ବରିଷ୍ଠ ଉପସଭାପତି ଶରତ କୁମାର ମିଶ୍ର, ଅଶୋକ ମାଣ୍ଡୋଠିଆ, ସାଧାରଣ ସମ୍ପାଦକ ଅର୍ଜୁନ କୁମାର ମୁଦୁଲି, ଯୁଗ୍ମ ସମ୍ପାଦକ ଗୋଲକ କୁମାର ସାହୁ, ଅସହାୟ ସହାୟତା କମିଟୀର ମୁଖ୍ୟ ଆବାହକ ପ୍ରଦୀପ ଘିଓ୍ୱାଲା, ବିଶ୍ୱ ଯୁବକେନ୍ଦ୍ରରେ ସମ୍ପାଦିକା ନମିତା ପ୍ରଧାନ, ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ବିଶ୍ୱ ଯୁବକେନ୍ଦ୍ର ସଭ୍ୟ ବସନ୍ତ କୁମାର ପ୍ରଧାନ, ଶିକ୍ଷାବିତ୍ ବିଚିତ୍ରାନନ୍ଦ ସାହୁ, ଅଭୟ ଚରଣ ସ୍ୱାଇଁ ପ୍ରମୁଖ କରୋନା ସଚେତନତା ଓ ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମରେ ଅତିଥି ଭାବରେ ଉପସ୍ଥିତ ରହି ରିଲିଫ୍ ବଣ୍ଟନ କରିଥିଲେ । ସୂଚନା ଯୋଗ୍ୟ ଯେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଶ୍ୱ ଯୁବକେନ୍ଦ୍ର ଅନୁଷ୍ଠାନ ପକ୍ଷରୁ ୧୫ଦିନ ଧରି ୭୫ରୁ ଉର୍ଦ୍ଧ୍ୱ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇଥିବା ଜଣାଯାଏ । ଏହି କାର୍ଯ୍ୟକ୍ରମରେ ଅଭିଷେକ ମହାପାତ୍ର, ଅବିନାଶନାଥ ରଥ, ପରମାନନ୍ଦ ମିଶ୍ର, ଅଙ୍କିତ ମହାପାତ୍ର, ଗୋବିନ୍ଦ ଶଙ୍ଖାରୀ, ଦୀପକ୍ କୁମାର ସାହୁ, ଶ୍ୟାମଘନ ଦେହୁରୀ, ଦେବେଶ ମହାପାତ୍ର ପ୍ରମୁଖ ସହାୟତା କରିଥିଲେ ।

ଅନୁସୂଚିତ ଜାତି ସେଲ ପକ୍ଷରୁ ମାସ୍କ ଓ ସାନିଟାଇଜର ବଂଟନ

କେନ୍ଦ୍ରାପଡା (ପିଏନ)- କରୋନା ଭୂତାଣୁ ସଂକ୍ରମଣ ଆଶଙ୍କାରେ ଜିଲ୍ଲାରେ ଲକ ଡାଉନ ଜାରି ରହିଥିବା ବେଳେ ଜିଲ୍ଲା ବିଜେଡି ଅନୁସୂଚିତ ଜାତି ସେଲ ପକ୍ଷରୁ କେନ୍ଦ୍ରାପଡା ସହରର ବିଭିନ୍ନ ସ୍ଥାନରେ ମାସ୍କ, ସାନିଟାଇଜର ବଂଟନ କରାଯିବା ସହିତ ଲୋକମାନଙ୍କୁ ସଚେତନତା କରାଯାଇଛି । ବିଜେଡି ଅନୁସୂଚିତ ଜାତି ସେଲର ଜିଲ୍ଲା ସଭାପତି ବାରେଣୀ ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସେଲର ସାଧାରଣ ସମ୍ପାଦକ ଅନନ୍ତ ଜେନା, ସମ୍ପାଦକ ଭୀମସେନ ବେହେରା, ମାନସ ସେଠୀ, କୃଷ୍ଣଚନ୍ଦ୍ର ମଲ୍ଲିକ, ଜନକର ମଲ୍ଲିକ, ସୁଶାନ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇ ସହରର ସୁଇପର କଲୋନୀ ସମେତ ବିଭିନ୍ନ ୱାର୍ଡରେ ବୁଲି ଲୋକଙ୍କୁ ସଚେତନ କରିବା ସହ ସାନିଟାଇଜର ଓ ମାସ୍କ ବଂଟନ କରିଥିଲେ ।

ନ୍ୟୁହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ଏହାର ମେସିନ୍ ଉପରେ ୩୦ ଦିନର ୱାରେଟିଂ ବର୍ଦ୍ଧିତ କରାଗଲା

ଭୁବନେଶ୍ୱର୦: ସମ୍ପ୍ରତି ଦେଖାଦେଇଥିବା ଆର୍ଥିକ ମାନ୍ଦାବସ୍ଥାରେ ଭାରତର କୃଷି ସହିତ ଅନ୍ୟ ସମସ୍ତ ସେକ୍ଟର ବେଶ୍ ପ୍ରଭାବିତ ହୋଇଛନ୍ତି । ଏପରିସ୍ଥଳେ ନ୍ୟୁ ହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ୨୦୨୦ ମାର୍ଚ୍ଚ ୨୪ରୁ ଏପ୍ରିଲ୍ ୨୪ ୱାରେଟିଂ ଥିବା ଏହାର ମେସିନ୍ ଉପରେ ୩୦ ଦିନର ବର୍ଦ୍ଧିତ ୱାରେଟିଂ ପ୍ରଦାନ କରାଯିବା ନେଇ ଘୋଷଣା କରାଯାଇଛି । 'ୟୁଇ କେୟାର ଫର୍ ୟୁ' ପ୍ରୟାସ ଅନ୍ତର୍ଗତ କମ୍ପାନୀ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । କମ୍ପାନୀ ଇତିମଧ୍ୟରେ ଭାରତରେ ୫ ଲକ୍ଷ ଟ୍ରାକ୍ଟର ବିକ୍ରି କରିଥିବାବେଳେ ଦେଶରେ ଏହାର ୧୦୦୦ରୁ ଅଧିକ କଷ୍ଟମର ଟଚ୍ ପଏଂଟ୍ ରହିଛି ।ଏହି ଅବସରରେ ଏଜି ଇଣ୍ଡିଆର ପ୍ରଡକ୍ଟ ସପୋର୍ଟ ସେନଥିଲ୍ କୁମାର କହିଲେ, କୋଭିଡ୍-୧୯ ଆମର ସ୍ୱଭାବିକ ଜୀବନଧାରାକୁ ପ୍ରଭାବିତ କରିଛି । ଏପରିସ୍ଥଳେ ସଭିଏଁ ଘରେ ରହି କାମ କରିବାକୁ ବାଧ୍ୟ ହୋଇଛନ୍ତି । ମାତ୍ର ଆମର କୃଷକ ବନ୍ଧୁମାନେ ଘରେ ରହି କେବେ ମଧ୍ୟ କାମ କରି ପାରିବେ ନାହିଁ । ସମ୍ପ୍ରତି ସେମାନଙ୍କର ଫସଲ ଏବଂ ଆୟ ଉଭୟ ସଙ୍କଟରେ ରହିଛି । ସେମାନଙ୍କ ସହାୟତା ପାଇଁ ଆମେ ଏଭଳି ପଦକ୍ଷେପ ଗ୍ରହଣ କରିଛୁ ।

ନ୍ୟୁ ହଲାଣ୍ଡ ଏଗ୍ରିକଲଚର ଶ୍ରେଷ୍ଠ ଜ୍ଞାନକୌଶଳଯୁକ୍ତ ଟ୍ରାକ୍ଟର ଉପଲବ୍ଧ କରାଯାଇଥାଏ । ଏହା ସହିତ ସମସ୍ତ ଚାଷ ଉପକରଣ ଚାଷ ଜମି ପ୍ରସ୍ତୁତିଠାରୁ ଆରମ୍ଭ କରି ଫସଲ ଅମଳ ପର୍ଯ୍ୟନ୍ତ ଉପଲବ୍ଧ କରାଇଥାଏ । ଏହା ଘାସ ଏବଂ ଚାରା ରୋପଣ ଉପକରଣ, ପ୍ଲାଂଟର, ବାଲେର, ସ୍ପ୍ରେୟର, ଟିଲର ଉପକରଣ ଆଦି ପ୍ରସ୍ତୁତ କରିଥାଏ । କମ୍ପାନୀର ଟ୍ରାକ୍ଟର ରେଞ୍ଜ ଉନ୍ନତ ଜ୍ଞାନକୌଶଳ ଆଧାରରେ ନିର୍ମିତ । ଏଗୁଡ଼ିକ ବିଶେଷ ଶକ୍ତିଶାଳୀ ଏବଂ ଏହାର ଇଞ୍ଜିନ୍ ଇନ୍ଧନ ସଂଚୟକାରୀ । ସୂଚନାଯୋଗ୍ୟ, ନ୍ୟୁ ହଲାଣ୍ଡ ଗ୍ରାହକ ସେବା କେନ୍ଦ୍ରରେ ହିନ୍ଦୀ ଇଂଲିଶ୍ ସହିତ ୮ଟି ଭାଷାରେ ଭାରତ ବ୍ୟାପୀ ଗ୍ରାହକଙ୍କୁ ସହାୟତା ଯୋଗାଇ ଦିଆଯାଇଥାଏ ।

ବଇଣ୍ଡା ଓ ଧଉରପାଳରେ ସାମଜସେବୀ ଅର୍ଜୁନ ସାହୁଙ୍କ ସଚେନତା କାର୍ଯ୍ୟକ୍ରମ ଓ ମାସ୍କ ବଣ୍ଟନ

ରାଜକିଶୋରନଗର,(ପିଏନ)- କିଶୋରନଗର ବ୍ଲକ ଅନ୍ତର୍ଗତ ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ପୁଲିସ୍ ଫାଣ୍ଡି, ଷ୍ଟେଟ୍‌ବ୍ୟାଙ୍କ, ବଜାର ଓ ଧଉରପାଳ ଗ୍ରାମରେ ସମାଜ ସେବୀ ଅର୍ଜୁନ ସାହୁ ଲୋକ ମାନଙ୍କୁ ଫେସ୍ ମାସ୍କ, ସାବୁନ୍, ଗ୍ଲୋବ୍ସ ଓ ସାନିଟାଇଜର ପ୍ରଭୃତି ବଣ୍ଟନ କରିବା ସହିତ କରୋନା ଭୁତାଣୁ ସଂକ୍ରମଣକୁ ରୋକିବା ପାଇଁ ସରକାରଙ୍କର ଲକ୍ ଡାଉନ୍ ନିୟମକୁ ମାନିବା, ସାମାଜିକ ଦୂରତ୍ୱ ବଜାୟ ରଖିବା ଏବଂ ମାସ୍କ ନିଶ୍ଚିତ ଭାବରେ ପିନ୍ଧିବା ପାଇଁ ଜନସାଧାରଣରଙ୍କୁ ସଚେତନ କରାଇଥିଲେ । ସରକାରଙ୍କ ତାଲାବନ୍ଦ ଘୋଷଣା ପରେ ସମାଜସେବୀ ଶ୍ରୀ ସାହୁ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ପ୍ରଥମ କରି ୫୬ଟି ପଞ୍ଚାୟତରେ ଲୋକ ମାନଙ୍କୁ କରୋନା ଭୁତାଣୁକୁ ରୋକିବା ପାଇଁ ସଚେତନତା ସୃଷ୍ଟି କରିବା ସହିତ ମାସ୍କ, ଗ୍ଲୋବସ ଓ ସାନିଟାଇଜର ପ୍ରଭୃତି ବଣ୍ଟନ କରିଥିଲେ । ଶନିବାର ଦିନ ପୁନର୍ବାର ବଇଣ୍ଡା ଠାରୁ କରୋନା ସଚେତନତା ଓ ମାସ୍କ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ପୂର୍ବରୁ ପଞ୍ଚାୟତରୁ ପଞ୍ଚାୟତ ଏହି କାର୍ଯ୍ୟକ୍ରମ ଜାରୀ ରଖିଥିବାବେଳେ ସମ୍ପ୍ରତି ଗାଁକୁ ଗାଁ ବୁଲି ସଚେତନତା କାର୍ଯ୍ୟକ୍ରମ ଜାରୀ ରଖିବେ ବୋଲି ପ୍ରକାଶ କରିଛନ୍ତି ।

ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡା (ପିଏନ)-ପ୍ରବାଦ ପୁରୁଷ, ମହାନ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସୂର୍ଗତ ବିଜୁ ପଟ୍ଟନାୟକଙ୍କ ୨୩ତମ ଶ୍ରାଦ୍ଧ ଦିବସ ଅବସରରେ ସରକାରୀ ଆଇନଜୀବି ସଞ୍ଜୟ କୁମାର ଜେନାଙ୍କ ନେତୃତ୍ୱରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ସମଗ୍ର ମାନବ ସମାଜ କରୋନା ମହାମାରୀ ସହିତ ଲଢେଇ କରୁଥିବାରୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସମସ୍ତେ ନିଜ ନିଜ ଘରେ ନିରାଡମ୍ବରରେ ଶ୍ରାଦ୍ଧଦିବସ ପାଳନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସମାଜସେବୀ ଧିରେନ୍ଦ୍ର କୁମାର ଦାସ,ସତ୍ୟବ୍ରତ ସିଂ,କିଶୋର ଚନ୍ଦ୍ର ପ୍ରଧାନ,ଅକ୍ଷୟପ୍ରିୟ ଦାସ ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନକରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ନିର୍ମାଣ ଶ୍ରମିକ ସହାୟତା ଅର୍ଥ ବଣ୍ଟନକୁ ନେଇ ରାଜନୀତି ବନ୍ଦ ହେଉ : କଂଗ୍ରେସ

ବାଦ୍ ପଡିଥିବା ଶ୍ରମିକଙ୍କୁ ସହାୟତା ପ୍ରଦାନ ସମେତ ବଣ୍ଟନ ବେଳେ ଲକ୍ ଡାଉନ୍ ନିୟମ ପାଳନ କରାଯାଉ

ରାଉରକେଲା, (ପିଏନ) : ସମ୍ପ୍ରତି କରୋନାଜନିତ ଲକ୍ ଡାଉନ୍ ପାଇଁ ନିର୍ମାଣ ଶ୍ରମିକମାନଙ୍କୁ ବଣ୍ଟନ କରାଯାଉଥିବା ସହାୟତା ଅର୍ଥ କାର୍ଯ୍ୟକ୍ରମର ବ୍ୟାପକ ରାଜନୀତିକରଣକୁ କଂଗ୍ରେସ ତରଫରୁ ତୀବ୍ର ନିନ୍ଦା କରାଯାଇଛି । ନିର୍ମାଣ ଶ୍ରମିକମାନଙ୍କର ବ୍ୟାଙ୍କ ଖାତା ସରକାରଙ୍କ ଶ୍ରମ ବିଭାଗ ନିକଟରେ ଥିବାବେଳେ ସେମାନଙ୍କ ନକଲ ଏକାଉଣ୍ଟକୁ ସହାୟତା ଅର୍ଥ ନ ପଠାଇ କେବଳ ରାଜନୀତି କରିବା ପାଇଁ ଏଭଳି ବଣ୍ଟନ କରାଯାଉଛି ବୋଲି ସୁନ୍ଦରଗଡ ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଜର୍ଜ ତିର୍କୀ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବିରେନ ସେନାପତି, ବରିଷ୍ଠ ନେତା ପ୍ରଶାନ୍ତ ସେଠୀ ଓ ରୋହିତ ଯୋଶେଫ ତିର୍କୀ ପ୍ରମୁଖ ଅଭିଯୋଗ କରିଛନ୍ତି ।

ଏକ ପ୍ରେସ୍ ବିବୃତିରେ କଂଗ୍ରେସ ନେତୃବୃନ୍ଦ କହିଛନ୍ତି ଯେ, ସୁନ୍ଦରଗଡ ଜିଲ୍ଲାରେ ପ୍ରାୟ ୧ ଲକ୍ଷ ୭୦ ହଜାର ନିର୍ମାଣ ଶ୍ରମିକ ପଞ୍ଜିକୃତ ହୋଇଥିବା ବେଳେ ସମ୍ପ୍ରତି ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୧୨ ହଜାର ନିର୍ମାଣ ଶ୍ରମିକ ୧୫୦୦ ଟଙ୍କା କରି ସହାୟତା ଅର୍ଥ ପାଇବେ । ଅବଶିଷ୍ଟ ପ୍ରାୟ ୫୮ ହଜାର ନିର୍ମାଣ ଶ୍ରମିକ କେଉଁ କାରଣରୁ ଏହି ରାଶି ପାଇବେ ନାହିଁ ଓ ଯଦି ପାଇବେ ତେବେ କେତେ ପାଇବେ ତାହା ସରକାର ସ୍ପଷ୍ଟ ନ କରି ଗରିବ ଶ୍ରମିକମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରୁଛନ୍ତି । ଏହିକ୍ରମରେ ରାଉରକେଲା ସହରରେ ମଧ୍ୟ ହଜାର ହଜାର ପଞ୍ଜିକୃତ ନିର୍ମାଣ ଶ୍ରମିକ ବର୍ତ୍ତମାନର ପ୍ରସ୍ତୁତ ତାଲିକାରୁ ବାଦ୍ ପଡିଥିବା ବେଳେ ତାଲିକାଭୁକ୍ତ ପ୍ରାୟ ୨୪ ହଜାର ନିର୍ମାଣ ଶ୍ରମିକଙ୍କୁ ସେମାନଙ୍କ ଘରେ ଅର୍ଥ ରାଶି ପହଞ୍ଚାଇବାକୁ ସରକାରଙ୍କ ତରଫରୁ ଘୋଷଣା କରାଯାଇଥିଲା । କିନ୍ତୁ ସମ୍ପ୍ରତି ବିଭିନ୍ନ ଅଞ୍ଚଳରେ ଶ୍ରମିକମାନଙ୍କୁ ଠୁଳ କରି ସହାୟତା ଅର୍ଥ ବଣ୍ଟନ କରାଯାଉଥିବା ବେଳେ ଲକ୍ ଡାଉନ୍ ନିୟମର ଧଜିଆ ଉଡାଇ ଦିଆଯାଉଛି । ଗତକାଲି ଏହି ସହାୟତା ରାଶି ବଣ୍ଟନକୁ ନେଇ ଛେଣ୍ଡ କଲୋନୀରେ ଯେଉଁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଲା ତାହା ଲକ୍ ଡାଉନ୍ ନିୟମର ସ୍ପଷ୍ଟ ଉଲ୍ଲଂଘନ ସହିତ ଅର୍ଥ ବଣ୍ଟନକୁ ନେଇ ଚାଲିଥିବା ରାଜନୀତିର ଏକ ବଳିଷ୍ଠ ଉଦାହରଣ ବୋଲି କଂଗ୍ରେସ ନେତୃବୃନ୍ଦ କହିଛନ୍ତି । ଅପରପକ୍ଷରେ ଶାସକ ଦଳର ୱାର୍ଡସ୍ତରୀୟ କର୍ମୀମାନଙ୍କୁ ହିତାଧିକାରୀ ଶ୍ରମିକମାନଙ୍କ ତାଲିକା ଧରାଇ ଦିଆଯାଇଛି । ସେମାନେ ୱାର୍ଡ ଅଞ୍ଚଳରେ ତାଲିକା ଧରି ବୁଲିବା ସହିତ ବେଶ୍ ରାଜନୀତି କରୁଛନ୍ତି । ତାଲିକାରେ ନାମ ଥିବା ନିର୍ମାଣ ଶ୍ରମିକଙ୍କୁ ତୁମର ନାମ ଆମେ ରଖିଛୁ ଓ କଟିଥିବା ନିର୍ମାଣ ଶ୍ରମିକଙ୍କୁ ତୁମେ ଏପଟ ସେପଟ ହେଉଛି ତେଣୁ ତୁମ ନାମ କଟିଛି ବୋଲି କହି ବେଶ୍ ରାଜନୀତି ଚଳାଇଛନ୍ତି । ଶାସକ ଦଳର କର୍ମୀ ଓ ନେତାଙ୍କ ପାଖରେ ଶ୍ରମ ବିଭାଗ ଓ ବଣ୍ଟନ ଦାୟିତ୍ୱ ନେଇଥିବା ମହାନଗର ନିଗମ କର୍ମଚାରୀ ଆତ୍ମ ସମର୍ପଣ କରିଥିବା ଭଳି ଜଣାପଡୁଛି । ଶାସକ ଦଳର ୱାର୍ଡସ୍ତରୀୟ ନେତାଙ୍କ ପସନ୍ଦରେ